ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାଞ୍ଚଳ

ଜାନୁୟାରୀ ୮-୨୧, ୨୦୨୦

**ବିଶେଷ ଗଳ୍ପ :** ରଜନୀକାଂତ ମହାଂତି

**ପ୍ରଦକ୍ଷିଣ :** ମନମୋହନ ଦାଶ

**ପହିଲି ପୁଲକ:** ସୁରେଶ କୁମାର ନାୟକ

**ସୃଜନ-ସ୍ମୃତି :** ମନୋରଞ୍ଜନ ଦାଶ



# ଉତ୍ସବ

ଅନୁବାଦ ଗଳ୍ପ

**ମୂଳ ହିନ୍ଦୀ:** ଶ୍ୟାମ ସୁନ୍ଦର ଅଗ୍ରୱାଲ
**ଅନୁସୃଜନ:** ବିନୟ କୁମାର ଦାସ

ସେନା ଆଉ ପ୍ରଶାସନର ଦୁଇଦିନର ଅକ୍ଳାନ୍ତ ପରିଶ୍ରମ ପରେ ଷାଠିଏ ଫୁଟ ଗଭୀରରେ ଖସି ପଡ଼ିଥିବା ନଳକୂପ ପାଇଁ ଖୋଳା ହେଉଥିବା ଗାତରୁ ସେଇ ଛୋଟ ପିଲା ପ୍ରିନ୍ସକୁ ଶେଷରେ ଅକ୍ଷତ ଅବସ୍ଥାରେ ଉଦ୍ଧାର କରାଗଲା। ସେଠାରେ ଉପସ୍ଥିତ ହୋଇଥିବା ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଜିଲା ପ୍ରଶାସନର ବିଭିନ୍ନ ଅଧିକାରୀ ଆଶ୍ୱସ୍ତ ହେଲେ ଆଉ ପିଲାଟିର ପିତାମାତାଙ୍କ ଖୁସି ତ ବର୍ଣ୍ଣନା କରାଯାଇ ପାରିବନି। ସାଧାରଣ ଜନତା ଏମିତି ଏକ ସଫଳ ଅଭିଯାନରେ ସାମିଲ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କଲେ।

ବିଭିନ୍ନ ଇଲେକ୍ଟ୍ରୋନିକ୍ ମିଡିଆ ଦୁଇଦିନ ଧରି ଏହି ଘଟଣାର ସିଧା ପ୍ରସାରଣ କରି ଚାଲିଥିଲେ ନିରନ୍ତର ଭାବରେ। ଦେଶବାସୀ ଅତି ଉତ୍ସୁକତାର ସହିତ ଏହି ସିଧା ପ୍ରସାରଣ କାର୍ଯ୍ୟକ୍ରମକୁ ଦେଖି ଚାଲିଥିଲେ ଓ ପିଲାଟିର ଜୀବନ ରକ୍ଷା ହୋଇ ପାରିଥିବାରୁ ଖୁସି ପ୍ରକଟ କରିଥିଲେ। ମୁଖ୍ୟମନ୍ତ୍ରୀ ମହୋଦୟ ସେଠାରୁ ବିଦାୟ ନେଇ ଚାଲିଯିବା ପରେ ଗହଳ ଚହଳ ଧୀରେଧୀରେ କମିବାରେ ଲାଗିଲା। କେଇଟା ମୁହୂର୍ତ୍ତରେ ସେହି ଉତ୍ସବସ୍ଥଳରୁ ସରସତା ହଜିଗଲା। ଟିଭି ସମ୍ବାଦଦାତା ନିଜ ନିଜର ଜିନିଷପତ୍ର ପ୍ୟାକ୍ କରିବାକୁ ଆରମ୍ଭ କରିଦେଲେ।



ତେବେ ସେମାନଙ୍କ ଚେହେରାର ଚମକ କ୍ରମଶଃ କମିକମି ଆସୁଥିଲା। ସେଠାରୁ ବିଦାୟ ନେଇ ଚାଲିଯିବାକୁ ପ୍ରସ୍ତୁତ ହେଉଥିବା ଜଣେ ସାମ୍ବାଦିକଙ୍କ ପାଖରେ ଜଣେ ଗାଉଁଲି ଲୋକ ପହଞ୍ଚି କହିଲା, ‘‘ଆଜ୍ଞା, ଆମ ଗାଁରେ ଏମିତି ବି... ।’’ ଲୋକଟିର ପୂରା କଥା ସରିନାହିଁ ସାମ୍ବାଦିକ କହିଲେ, ‘‘କ’ଣ କହୁଚ ତୁମେ ? ତୁମ ଗାଁରେ ବି ଏମିତି ଏକ ଗାତରେ ପିଲାଟିଏ ଖସିପଡ଼ିଛି ?’’

‘‘ନାହିଁ ଆଜ୍ଞା !’’ ଏତିକି ଶୁଣିବାମାତ୍ରେ ସାମ୍ବାଦିକଙ୍କ ଉତ୍ସୁକତାରେ ହଠାତ୍ ଭଙ୍ଗା ପଡ଼ିଗଲା। ସେ ପଚାରିଲେ, ‘‘ତେବେ କ’ଣ ହୋଇଛି ?’’

‘‘ଆଜ୍ଞା, ଆମ ଗାଁରେ ଏମିତି ଗୋଟିଏ ଦରଖୋଳା ଗାତ ବହୁଦିନ ହେଲା ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି।’’


‘‘ତ... ମୁଁ କ’ଣ କରିବି ? ମୋତେ କାହିଁକି ଏ କଥା କହୁଛ ?’’

‘‘ଆପଣ ପ୍ରଶାସନକୁ କହିଲେ ସେମାନେ ଗାତଟିକୁ ବନ୍ଦ କରିଦେଇପାରନ୍ତି। ନହେଲେ କିଏ କହିପାରେ କେତେବେଳେ କାହାର ଶିଶୁ ସେହି ଗାତରେ...।’’

ସାମ୍ବାଦିକଙ୍କର ମୁହଁ ଏଥର ଉଜ୍ଜ୍ୱଳ ହୋଇ ଉଠିଲା। ସେ ଟିକେ ଏପାଖ ସେପାଖ ସତର୍କତାର ସହିତ ଦେଖି ଧୀର ସ୍ୱରରେ କହିଲେ- ‘‘ଶୁଣ, ଭଲ ଖବରଟେ ମୋତେ ଦେଲ। ମୋ’ ତରଫରୁ ମୁଁ ତ ଚେଷ୍ଟା କରିବି। ତେବେ ତା’ ପୂର୍ବରୁ ଯଦି ସେହି ଅଧାଖୋଳା ଗାତ ଭିତରେ କେହି ଶିଶୁ ଖସି ପଡ଼ନ୍ତି, ମୋତେ ତୁରନ୍ତ ଖବର ଦେବ। ଏଇ ନିଅ ମୋ’ କାର୍ଡ଼! ଏଥିରେ ମୋର ଫୋନ୍ ନମ୍ବର ଅଛି। ତେବେ ମନେ ରଖିଥିବ, ଏ ଖବର ଆଉ କାହାକୁ ଜଣାଇବ ନାହିଁ। ମୁଁ ତୁମକୁ ପୁରସ୍କାରର ବ୍ୟବସ୍ଥା ବି କରାଇଦେବି।’’

**– ଅନାମିକା ନୀଡ଼, ଅଙ୍ଗାରଗଡ଼ିଆ, ବାଲେଶ୍ୱର**

# ଇଂରାଜୀରେ ଅନୂଦିତ ହେଉ ଭଞ୍ଜ-ସାହିତ୍ୟ




**ମହାଶୟ,**

✻ ପ୍ରଫେସର ଦାଶରଥି ଦାସଙ୍କ ସମ୍ପାଦିତ ତଥା ଡ. ହୃଷୀକେଶ ମଲ୍ଲିକଙ୍କ ଆକଳନ, ‘ମୁଗ୍ଧ ବନ୍ଦାପନା ଏକ ବିରଳ ବହିର’ ପାଠ କଲେ ଶହେ ଦୁଇ ବର୍ଷ ପୂର୍ବେ ଶ୍ୟାମସୁନ୍ଦର ରାଜଗୁରୁ ପ୍ରଣୟନ କରିଥିବା ‘ପ୍ରବନ୍ଧାବଳୀ’ରେ ଭଞ୍ଜଙ୍କ ବିଷୟ ମନକୁ ଆସେ। ଏହା ପରେ ଶହଶହ ଲେଖକ ଉପେନ୍ଦ୍ର ଭଞ୍ଜଙ୍କୁ ନେଇ ବହୁ ପରୀକ୍ଷାନିରୀକ୍ଷା କରିଯାଇଛନ୍ତି, ମାତ୍ର ଏହାଙ୍କ ପ୍ରାୟ ଷାଠିଏରୁ ଅଧିକ ପୁସ୍ତକ ଯଦି ଇଂରାଜୀରେ ଅନୂଦିତ ହୋଇପାରନ୍ତା, ତେବେ ଭଞ୍ଜ ବିଶ୍ୱ ସାହିତ୍ୟ-ସମ୍ରାଟ୍ ବିବେଚିତ ହୁଅନ୍ତେ। କୁହାଯାଇଛି- ‘ରାମ ନାମ ଲଡୁ, କୃଷ୍ଣ ନାମ ଘିଅ, ହରି ନାମ ଖଣ୍ଡକ୍ଷୀର ଘୋରି ଘୋରି ପିଅ।’ ଗାଳ୍ପିକା ପୁଷ୍ପାଞ୍ଜଳି ଦାଶଙ୍କ କଲମ ମୁନରେ ରହିଛି ଯାଦୁ। ‘ମଉଳାଫୁଲ’ ଶିରୋନାମ ଦେଖି ଯେ କେହି ଗଳ୍ପର ଚରିତ୍ରକୁ ଚରିତ୍ରହୀନା ଭାବିବ, ମାତ୍ର ସେ ସୃଷ୍ଟି କରିଯାଇଛନ୍ତି ଭଲ ମଣିଷଟିଏ। ‘ତୁ ତ ମୂତୁରୀ ମୁଁ ତ ମୂତୁରୀ, ହେଁସ କାହିଁ ପାଇଁ ଧୋଇବା’ ନ୍ୟାୟରେ ‘ମିନିଗଳ୍ପ’, ‘ଲାଞ୍ଚ’କୁ ଉପସ୍ଥାପନ କରିଯାଇଛନ୍ତି ସ୍ମିତା ନାୟକ। ‘ସୃଜନ-ଆଳାପ’ରେ ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ପ୍ରଶ୍ନର ଉତ୍ତରରେ ପଚିଶଗୋଟି ପୁସ୍ତକର ଲେଖିକା ମୀନାକ୍ଷୀ ଦେବୀଙ୍କ ବକ୍ତବ୍ୟ ଯେପରି ଉଚ୍ଚକୋଟୀର ସେହିପରି ଶାଣିତ। ଓଡ଼ିଆ ସାହିତ୍ୟର ସମୃଦ୍ଧିରେ ଲେଖିକାଙ୍କ ଭବିଷ୍ୟତ ଆଲୋକିତ ହେଉ। ସେ ‘ମୋ ଦେଶ’, ‘ଜଗନ୍ନାଥ ପାଠାଗାର’ ପରି ନିଜେ ଅସହାୟର ସେବା, ଭାଷାର ସୁରକ୍ଷା ଜାରି ରଖିଥା’ନ୍ତୁ ସବୁଦିନ ପାଇଁ। ବ୍ୟଙ୍ଗ ଗଳ୍ପ ‘ବାବାଙ୍କ ବିଳାସ’ରେ ରାଧାଶ୍ୟାମ ରାଉଳ-ଭାବଭାଇ ଓ ମକରା ଚରିତ୍ର ମାଧ୍ୟମରେ ଜଣେ ଗୃହୀ ସନ୍ନ୍ୟାସୀର ଚିତ୍ର ଚିତ୍ରଣ କରିଯାଇଛନ୍ତି। ସଂପ୍ରତି ସମାଜରେ ଏପରି ଦୃଷ୍ଟାନ୍ତ ବିରଳ ନୁହେଁ। ବାସ୍ତବରେ ବେଶପୋଷାକରୁ ମଣିଷକୁ ଚିହ୍ନି ହୁଏନି। ସତ୍ୟପ୍ରିୟ ମହାଲିକଙ୍କ ବିଶେଷ ଗଳ୍ପ ସ୍ତମ୍ଭରେ ସ୍ଥାନିତ ଏକ ରହସ୍ୟଧର୍ମୀ ଗଳ୍ପ ‘କୋଡ୍ ନଂ ୩୩୩୩୩’ ଡିଟେକ୍ଟିଭ ଶୈଳୀରେ ରଚିତ। କବିତା ପୃଷ୍ଠାରେ ପ୍ରକାଶ ମିଶ୍ରଙ୍କ ‘ପବନା’ ଗପ ପଢ଼ିବା ପରି ଲାଗେ। ‘ଫୁଲବାଣୀ: ଶୀତର ଚନ୍ଦ୍ରରାଗ’ରେ କିଶୋର ମିଶ୍ରଙ୍କ ବହୁ ବର୍ଷର ଅନୁଭବ ସ୍ଥାନ ପାଇଛି। ମୟୂରୀ ଦାଶଙ୍କ ‘ଭୋକ’ରେ ଦୁଃଖର ଭୂଗୋଳ, ଗୀତି-କବିତା ସ୍ତମ୍ଭରେ ହଂସନାଥ ମୁଦୁଲିଙ୍କ ‘ଜୀବନଫୁଲ’ ଛୋଟ ହେଲେ ବି ଅତି ଚମତ୍କାର। ‘ଗୋରୀ ଦେଖିଲି କାଳି ଦେଖିଲି, ଦେଖିଲି ଝିଅ ପଣେ, ଯେଉଁ ଝିଅଟି ଚାହିଁଲା ନାହିଁ ସେଇ ଝିଅଟି ମନ ଜିଣେ’ର ଝଲକ ରହିଛି କୃଷ୍ଣ କୁମାର ମହାନ୍ତିଙ୍କ କବିତା ‘ମୁଁ ତୋର କେବଳ’ରେ। ‘ପହିଲି ପୁଲକ’ରେ ଚକ୍ରପାଣି ପରିଚ୍ଛା ‘ମେଘମାଳା’ ପତ୍ରିକାରେ ଜୀବନର ପ୍ରଥମ ଲେଖା ‘ଗୋଟିଏ ମୃତ୍ୟୁର ସଂଧାନରେ’ ଛାପି ଦୀର୍ଘବର୍ଷ ପରେ ଉପସ୍ଥାପିତ କରିବା ଆଶ୍ଚର୍ଯ୍ୟ। ‘ପୁସ୍ତକ ପରିଚୟ’ ଉଚ୍ଚ ଶ୍ରେଣୀର। ଡିସେମ୍ବର ପ୍ରଥମାର୍ଦ୍ଧ ‘ସାହିତ୍ୟାୟନ’ ପ୍ରଚ୍ଛଦ ପୃଷ୍ଠାରେ କ୍ରୀଡ଼ାରତ ସାରସ ଶାବକ ସହ ମାଆ ସାରସ ଖୁବ୍ ଚିତ୍ତାକର୍ଷକ। ଖ୍ରୀଷ୍ଟମାସ, ଇଂରାଜୀ ନବବର୍ଷ ଅଭିନନ୍ଦନ ସହ।

**– ପ୍ରତାପ ଚନ୍ଦ୍ର ପାଢ଼ୀ, ହେମଲତା ପବ୍ଲିକ୍ ସ୍କୁଲ,**
**ଗୋବିନ୍ଦ ନଗର, ଗୋଳନ୍ଥରା, ଗଞ୍ଜାମ**

✻ ୧୧ ଡିସେମ୍ବର ୨୦୧୯ ‘ସାହିତ୍ୟାୟନ’ରେ ପ୍ରକାଶ ମିଶ୍ରଙ୍କ କବିତା ‘ପବନା’, ମୟୂରୀ ଦାଶଙ୍କ ‘ଭୋକ’, ହଂସନାଥ ମୁଦୁଲିଙ୍କ ‘ଜୀବନ ଫୁଲ’ ବେଶ୍ ମନଛୁଆଁ, ସରଳ ଓ ବୋଧଗମ୍ୟ। ‘ପୁସ୍ତକ ପରିଚୟ’ ପାଠକଙ୍କ ପାଇଁ ପ୍ରେରଣାର ସ୍ରୋତ। ସତ୍ୟପ୍ରିୟ ମହାଲିକଙ୍କ ଗଳ୍ପ ‘କୋଡ୍ ନଂ. ୩୩୩୩୩’ ଚାଞ୍ଚଲ୍ୟକର, ରହସ୍ୟ ଉଦ୍‌ଘାଟନ କରିଛି, ପ୍ରଶଂସାଯୋଗ୍ୟ। ପୁଷ୍ପାଞ୍ଜଳିଙ୍କ ‘ମଉଳାଫୁଲ’ ଛୋଟ ଗପଟିଏ, କିନ୍ତୁ ମନକୁ ଆନ୍ଦୋଳିତ କରେ। ପାକ୍ଷିକ ସାହିତ୍ୟାୟନ ଅନ୍ୟ ତୁଳନାରେ ନିଶ୍ଚିତ ଭାବେ ଅନନ୍ୟ ଓ ସାହିତ୍ୟର ମୂଲ୍ୟବୋଧକୁ ସାର୍ଥକ କରିପାରୁଛି। ‘ଅବଲୋକନ’ ସର୍ବଦା ଜ୍ଞାନବର୍ଦ୍ଧକ ଓ ତଥ୍ୟମୂଳକ। ଏହା ସ୍ୱାଗତଯୋଗ୍ୟ।

**– ଅଶୋକ କୁମାର ସା,**
**ତରଭା, ସୋନପୁର-୧୬**

✻ ଏକ ପକ୍ଷାନ୍ତେ ‘ସାହିତ୍ୟାୟନ’ ପାଇଲୁ। ଏଥର ଅନୁବାଦ ଗଳ୍ପ ଦୁଇଟି ଚମତ୍କାର ହୋଇଛି। ବଙ୍ଗାଳୀ ବାବୁ ଓ ବିନୟ ବାବୁ ଉଭୟ ଅନୁବାଦ କ୍ଷେତ୍ରରେ ସିଦ୍ଧହସ୍ତ। ମୂଳ ଗଳ୍ପର ଭାବ, ଦର୍ଶନକୁ ସେମାନେ ଓଡ଼ିଆ ଭାଷାରେ ସୁନ୍ଦର ଭାବେ ପରଷି ଦେଇଥା’ନ୍ତି। ସୁପ୍ରିୟାଙ୍କ ଗଳ୍ପ ଭଲ ଲାଗିଲା। ଏଥର ସଂଖ୍ୟାଟି ପଢୁପଢୁ କେତେ ଶୀଘ୍ର ଯେ ସରିଗଲା ଜଣାପଡ଼ିଲାନି।

**–ଅରୁଣ କୁମାର ନାୟକ, ମାନସ କୁମାର ଜେନା**
**ଏରେଇଁ, ଚରମ୍ପା, ଭଦ୍ରକ-୧**

✻ ୧୩ ନଭେମ୍ବର, ୨୦୧୯ ସଂଖ୍ୟାରେ ପ୍ରକାଶିତ, ‘ସାହିତ୍ୟାୟନ’ ପାଠକଲି। ଉକ୍ତ ସଂଖ୍ୟାର ‘ଅବଲୋକନ’ ପୃଷ୍ଠାରେ ଡ. ତ୍ରିନାଥ ପଟ୍ଟନାୟକଙ୍କ ଦ୍ୱାରା ଆଦୃତି ଲାଭ କରିଥିବା ତଥା ଉପସ୍ଥାପିତ ହୋଇଥିବା ‘ବିସ୍ମୃତିର ପଥେ ଓଡ଼ିଆ ଭାଷା’ ପ୍ରସଙ୍ଗଟି ବେଶ୍ ସୁଖପାଠ୍ୟ ହୋଇଛି। ବାବାଜି ଚରଣ ପଟ୍ଟନାୟକଙ୍କ ରଚିତ ‘ସାରୋଳ ଦାସ ଏକାଦଶ ଶତାବ୍ଦୀର କି ?’ ଶୀର୍ଷକ ଲେଖାଟି ମଧ୍ୟ ତଥ୍ୟାତ୍ମକ। ଗାଳ୍ପିକା ଲିନାରାଣୀ ଧଳ ମଙ୍ଗରାଜଙ୍କ ‘ଲଣ୍ଠନ’ ଏବଂ ଗାଳ୍ପିକ ଶ୍ୟାମ ପ୍ରକାଶ ସେନାପତିଙ୍କ ରଚିତ ‘ଲୁହ’ ଗଳ୍ପ ଉଚ୍ଚକୋଟୀର। କବି କମଳ କୁମାର ମହାନ୍ତିଙ୍କ ରଚିତ ‘ବାପୁ’ କବିତା ଏବଂ ଧନଞ୍ଜୟ ସ୍ୱାଇଁଙ୍କ ରଚିତ ଗୀତି-କବିତା ଉନ୍ନତ ରୁଚିର ପରିଚାୟକ। ‘ଏବେ ସେ ଚିଠିରେ ଛବି ଚିହ୍ନ ତୁମେ’ ଶୀର୍ଷକ ଗୀତି-କବିତାଟି ମଧ୍ୟ ସୁରଚିତ। ଉକ୍ତ ସଂଖ୍ୟାରେ ସ୍ଥାନିତ ଅନ୍ୟାନ୍ୟ ସମସ୍ତ ଆଲେଖ୍ୟ ତଥା ପ୍ରସଙ୍ଗ ପଠନୀୟ ଓ ଉପାଦେୟ।

**– ବିଜୁ ସାହୁ, ଖଣ୍ଡାଏତା, କଟକ-୧୧**

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

**ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦**
email: dharitrisahityayana@gmail.com

**ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ। ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ବନଯାଗରେ ଫେରାର କବି ମନମୋହନ

ଇପ୍ସିତା ଷଡ଼ଙ୍ଗୀ

**ମନମୋହନ ଦାଶ** ଥିଲେ ୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାରେ ଏକ ଉଦ୍ଦୀପିତ ସ୍ଫୁଲିଙ୍ଗ। ଅନ୍ୟ ଅନେକଙ୍କ ପରି ରବିବାସରୀୟ 'ଧରିତ୍ରୀ' ଏକଦା ଓଡ଼ିଆ କବିତାରେ ତିଆରି କରିଥିଲା ତାଙ୍କ ପରିଚୟ। ତାଙ୍କ କାବ୍ୟିକ ଅବଦାନରେ "ଉତ୍ତର-ଆଧୁନିକ ଓଡ଼ିଆ କବିତା" ନାନା ଭାବେ ପୁଷ୍ଟ ହୋଇଥିଲା। ଖାଲି କବିତା ନୁହେଁ; ଗଳ୍ପ, ଉପନ୍ୟାସ ଓ ସାହିତ୍ୟ-ସମାଲୋଚନାକୁ ତାଙ୍କର ଅବଦାନ ଥିଲା ଉଲ୍ଲେଖନୀୟ। 'ଶବ୍ଦର ନଶ୍ୱରତା', 'ଗୃହସ୍ଥାଶ୍ରମ', 'ବନଯାଗ' ଓ 'ନିର୍ମଳ ଚନ୍ଦ୍ରାଲୋକ' କବିତା-ପୁସ୍ତକ ସାଂଗକୁ 'ଏକାକି ନଚିକେତା' ଓ 'ପଦ୍ମଗନ୍ଧାର ବେଡ୍‌ରୁମ୍' ଉପନ୍ୟାସର ସେ ଥିଲେ ସଫଳ ସ୍ରଷ୍ଟା। 'ଇନ୍ଦ୍ରଧନୁର ଅଷ୍ଟମ ରଙ୍ଗ' କବିତା-ଆଲୋଚନା ସମ୍ବନ୍ଧୀୟ ତାଙ୍କର ଏକ ସଂପାଦିତ ଗ୍ରଂଥ। ମନମୋହନ ବୃତ୍ତିରେ ଥିଲେ ଓଡ଼ିଆ ଭାଷା-ସାହିତ୍ୟର ଅଧ୍ୟାପକ। ଜନ୍ମ- ପୁରୀ ଜିଲା ବ୍ରହ୍ମକୁଣ୍ଡୀର ତୁଳସୀପୁରରେ। ୧୯୭୫ରୁ ୧୯୮୦ ସମୟଖଣ୍ଡରେ ରେଭେନ୍ସା ମହାବିଦ୍ୟାଳୟ (ଏବେ ବିଶ୍ୱବିଦ୍ୟାଳୟ)ରୁ ଯେଉଁ କେତେଜଣ ସ୍ରଷ୍ଟା ସୃଜନର ଅଫୁରନ୍ତ ଶକ୍ତି ନେଇ ଓଡ଼ିଆ ସାହିତ୍ୟକୁ ଉଠି ଆସିଥିଲେ, ସେମାନେ ହେଲେ- ଗାଳ୍ପିକା ସରୋଜିନୀ ସାହୁ, ନିବନ୍ଧକାର ଗୌରାଙ୍ଗ ଚରଣ ଦାଶ ଓ କୃଷ୍ଣ ଚରଣ ବଳ, କବି ମନମୋହନ ଦାଶ, ଦିବ୍ୟସିଂହ ଦାସଅଧିକାରୀ, ମନ୍ମଥ ନାୟକ, କେଶବ ଦାଶ, ଗୌରହରି ମହାନ୍ତି ଓ ଗୌତମ ଜେନା ଏବଂ ଔପନ୍ୟାସିକ ପ୍ରଶାନ୍ତ କୁମାର ମହାନ୍ତି। ପ୍ରଶାନ୍ତ ଅକାଳ ପ୍ରୟାତ ଓ ସକଳ ସମଧର୍ମାଙ୍କୁ ବିସ୍ମିତ କରି ଗତ ୫ ଡିସେମ୍ବର ୨୦୧୯ରେ ନୀରବରେ ବାଟ କାଟିଲେ ମନମୋହନ। ହାୟ! ସେଦିନ ପୁଣି ପବିତ୍ର ମାର୍ଗଶିରର ମାଣବସା ଗୁରୁବାର। ମନମୋହନଂକ ସ୍ମୃତିକୁ ନେଇ ଏଇ ଆଲେଖ୍ୟଟି 'ସାହିତ୍ୟାୟନ'ର ପାଠିକାପାଠକଙ୍କ ପାଇଁ...



"ମାନୁଟି ମୋର ଯିବାର ଥିଲା/ ଜଣେ ଯୋଗୀ ପାଖକୁ/ ଗୁପ୍ତ ଜ୍ଞାନର ସଂଧାନରେ/ କାଲି ସଂଜବେଳେ ମାଛି ଅନ୍ଧାରରେ/ ଏ ସଂସାରରେ ସବୁକିଛି ଅନିତ୍ୟ ବୋଲି।/ ଅଥଚ ସେତିକିବେଳେ/ ଘର ବାହୁଡ଼ା ପୁଅକୁ ଦେଖି/ x x x/ ମୁଁ ବି ଭୁଲିଗଲି ଅପତ୍ୟ ଅନ୍ୟମନସ୍କତାରେ ତମ କଥା ('ଗୁପ୍ତଜ୍ଞାନ'- ପୃ.୫୦, 'ବନଯାଗ')।

କବି, ଗାଳ୍ପିକ, ସମାଲୋଚକ ମନମୋହନ ଦାଶଙ୍କ 'ବନଯାଗ' ସଂକଳନର ଏ କଥା, ବାସ୍ତବିକ କେମିତି ମିଛ ହେଇଗଲା ? ସେ ତ କହିଥିଲେ, ସେ ଅଟକି ଯିବେ, 'ଅପତ୍ୟ ମନସ୍କତା'ରେ ! ଆଜି ହଠାତ୍ ତାଙ୍କ ବିୟୋଗରେ ସଭିଏଁ ସ୍ତବ୍ଧ। ତାଙ୍କର ପ୍ରଥମ କବିତା ସଂକଳନ 'ଶବ୍ଦର ନଶ୍ୱରତା', ଦ୍ୱିତୀୟ 'ଗୃହସ୍ଥାଶ୍ରମ', ତୃତୀୟ 'ବନଯାଗ' ଏବଂ ଚତୁର୍ଥ 'ନିର୍ମଳ ଚନ୍ଦ୍ରାଲୋକ'। ଓଡ଼ିଆ କାବ୍ୟ ପରଂପରାର ଝଲକ ସହିତ ତାଙ୍କର ପ୍ରତ୍ୟେକଟି କବିତା ଏକ ନିଆରା ଅନୁଭବର କଥା ସୂଚାଏ, ଯାହା ଶାଶ୍ୱତ-ନଶ୍ୱରତା, ଚିରନ୍ତନତା-କ୍ଷଣିକତା, ତଥା ଇହଲୋକ-ପରଲୋକ ମଝିରେ ଆପ୍ଳୁତ କବିସତ୍ତାର ଯାତାୟାତର ଯନ୍ତ୍ରଣା କଥା ବର୍ଣ୍ଣନା କରୁଥାଏ। ଶବ୍ଦର ନୂତନ ବାଗରେ ପ୍ରୟୋଗ ଓ ପରିଚ୍ଛନ୍ନ କାବ୍ୟଚେତନା ତାଙ୍କ କବିତାକୁ ଶାଣିତ କରୁଥାଏ। ମନମୋହନ ଦାଶ ଗଳ୍ପ ଓ ଉପନ୍ୟାସ ଲିଖନରେ ମଧ୍ୟ ଜଣେ ଧୁରୀଣ ଶିଳ୍ପୀ। 'ଏକାକି ନଚିକେତା'(୨୦୦୦), ଓ 'ପଦ୍ମଗନ୍ଧାର ବେଡ୍‌ରୁମ୍'(୨୦୦୩)- ଏ ଦୁଇଟି ଏ ଯାବତ୍ ପ୍ରକାଶିତ ଉପନ୍ୟାସ ପୁସ୍ତକ। ଅଗଣିତ ବିଚକ୍ଷଣ ଗଳ୍ପର ସ୍ରଷ୍ଟା ସେ। ଏକଦା ତାଙ୍କ ସାକ୍ଷାତ୍‌କାରଟିଏ ନେବା ସମୟରେ ମୁଁ ପଚାରିଥିଲି, ତାଙ୍କ ଗଳ୍ପ ତାଙ୍କ ସମୟଠୁ ପଚାଶବର୍ଷ ପରର ଚିନ୍ତନ ଓ ଅନୁଭବ କଥା କିପରି ବଖାଣିଥାଏ ? ଅମାୟିକ ଭାବରେ ହସିଦେଇ କହିଥିଲେ- କବିଟିଏ, ସାହିତ୍ୟିକଟିଏ ଭବିଷ୍ୟତ ଦେଖିପାରେ- ଏକ ଉତ୍ତରୋତ୍ତର ଚେତନା ନ ରହିଲେ ଲେଖା କ'ଣ ହେବ !

> ମନମୋହନଙ୍କ କବିତା ଚିରୁଡାଏ ସୂର୍ଯ୍ୟାଲୋକ ପରି ଯେମିତି ସ୍ୱଚ୍ଛ ସରଳ ସେମିତି କୋମଳ ମଧୁର ସୌନ୍ଦର୍ଯ୍ୟବତ୍ତାରେ। କବିତାର ଅଂଗ ଓ ଆତ୍ମା ସଂପର୍କରେ ସଚେତନ ଥିବା କବି ମନମୋହନ ନିଜ ଭାଗମାପରେ ଶବ୍ଦ ବସାଣ କରନ୍ତି, କବିତାର ବାକ୍ୟ ଓ ବାକ୍ୟାଂଶମାନଙ୍କୁ ପୂରଣ କରନ୍ତି, ଆବଶ୍ୟକ ସ୍ଥଳେ ଚିତ୍ରକଳ୍ପ କି, ମିଥ୍‌ର ସାହାଯ୍ୟ ନିଅନ୍ତି...
>
> – ଫନୀ ମହାଂତି

ସମାଲୋଚକ ଭାବରେ ତାଙ୍କର ତୀକ୍ଷ୍ଣ କାବ୍ୟ-ଦୃଷ୍ଟି, ଗଭୀର ଜ୍ଞାନ, ଶୈଳୀ ଓ ବିଚାରନିଷ୍ଠ ଅଭିବ୍ୟକ୍ତି ତାଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଥାଏ। ସମକାଳର କବି ଓ ଗାଳ୍ପିକଙ୍କ ଲିଖନ କଳାକୁ ନେଇ ସେ ଅନେକ ପ୍ରବନ୍ଧ ରଚନା କରିଛନ୍ତି। ସେଥିରେ ସନ୍ନିବେଶିତ ଅନନ୍ୟ ସମାଲୋଚକୀୟ ଦୃଷ୍ଟିଭଂଗୀ ଓଡ଼ିଆ ସମାଲୋଚନା ସାହିତ୍ୟ ଜଗତରେ ତାଙ୍କ ପାଇଁ ଏକ ନିଆରା ଇଲାକା ସୃଷ୍ଟି କରିଛି। ବରେଣ୍ୟ କବି ରମାକାନ୍ତ ରଥ, ସୌଭାଗ୍ୟ କୁମାର ମିଶ୍ର, ହରିହର ମିଶ୍ର, ବଂଶୀଧର ଷଡ଼ଙ୍ଗୀ, ଗାଳ୍ପିକ ତରୁଣକାନ୍ତି ମିଶ୍ର ପ୍ରମୁଖ ଅନେକଙ୍କ ଉପରେ




ଗବେଷଣାମୂଳକ ପ୍ରବନ୍ଧ ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ସେ। ତାଙ୍କ ସଂପାଦନାରେ 'ଇନ୍ଦ୍ରଧନୁର ଅଷ୍ଟମ ରଙ୍ଗ' (କବି ବଂଶୀଧର ଷଡ଼ଙ୍ଗୀଙ୍କ କବିତା ସଂପର୍କୀୟ ପ୍ରବନ୍ଧ) ୨୦୧୯ରେ ପ୍ରକାଶିତ ହୋଇଥିଲା। ଏହା ସହିତ ଅନେକ ସାହିତ୍ୟଭିତ୍ତିକ ପ୍ରବନ୍ଧ, ଗ୍ରନ୍ଥଚର୍ଚ୍ଚା ମଧ୍ୟ ରହିଛି। ସଦାକାଳେ ଆଦର୍ଶ ଏବଂ ନିଜ ପ୍ରତି ଉଦାସୀନ କବି ମନମୋହନଙ୍କ ମହାପ୍ରୟାଣ ଓଡ଼ିଆ ସାହିତ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। କବି ଡ. ହୃଷୀକେଶ ମଲ୍ଲିକ କୁହନ୍ତି, "x x x ଶୂନ୍ୟତା, ନୀରବତା ଓ ଈଶ୍ୱରୋପଲବ୍ଧି ହୁଏ କବିଙ୍କ କାବ୍ୟିକ ତପସ୍ୟାର କାଂକ୍ଷିତ ପରିଣତି। ଜୀବନ ଓ ଜଗତର ଅଳୀକତାକୁ ତାଙ୍କ କବିତା ମନପ୍ରାଣ ଦେଇ ବୁଝିବାର ପ୍ରୟାସ କରେ। ଶବ୍ଦଟିଏ କବିତାରେ ବସାଇବା ବେଳେ ମନମୋହନ ତହିଁରେ ଡେଣା ଲଗେଇବାକୁ ଭୁଲନ୍ତି ନାହିଁ।" (ମୁଖବନ୍ଧ 'ବନଯାଗ')

'ଫେରାର କବି ଓ ଭିଣାଡୂଳା ଅକ୍ଷର'- 'ବନଯାଗ'ର ଏହି ମୁଖବନ୍ଧରେ କବି ଡ. ମଲ୍ଲିକ ଠାଏ ଉଲ୍ଲେଖ କରିଛନ୍ତି- "ମୋ' ବିଚାରରେ ପ୍ରତ୍ୟେକ ଉତ୍ତୀର୍ଣ୍ଣ କବିତା ହେଉଛି ନିଷ୍ଠାପର ଏକ 'ବନଯାଗ'। ଲକ୍ଷ୍ୟସ୍ଥଳ ଅନିର୍ଦ୍ଦିଷ୍ଟ, ସ୍ୱପ୍ନ ସେତୁ ଓ ଆରୋହଣ ଅଭୀପ୍‌ସା।" ଯେଉଁ ଅନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳର ଆଂକାକ୍ଷା ନେଇ, ସ୍ୱପ୍ନସବୁକୁ ସେତୁକରି, ଆରୋହଣ ଅଭୀପ୍‌ସାରେ ଫେରାର ହେଇଯା'ନ୍ତି କବି, ଆପଣ ସେଥିରେ ସଫଳ ହୁଅନ୍ତୁ। 'ବନଯାଗ' ସଫଳ ହେଉ। ଆପଣଙ୍କ ଲେଖନୀରେ ଆପଣ ଆମ ସମସ୍ତଙ୍କ ପାଖରେ ଥିଲେ, ଅଛନ୍ତି ଏବଂ ରହିଥିବେ।




## ନୀରବତା ଓ ଶବ୍ଦ

ଅନେକ ଶବ୍ଦ ମିଳାଇ ଯାଏ
ନୀରବତାର ଚୋରାବାଲିରେ
ଯେମିତି ସଜନା ଗଛରୁ
ଖସିପଡୁଥିବା ପାଚିଲା ପତ୍ର
ଓ ଗର୍ଭାଶୟରେ ଭ୍ରୂଣ।

ଅନେକ ଶବ୍ଦଙ୍କ ସହ
ପରିଚିତ ଥିଲେ ବି ଚିହ୍ନି ହୁଏନି
ବିଷାଦରେ ବର୍ଷାକାଳରେ।

ଅନେକ ଶବ୍ଦ ସେମିତି
ଦିଗହଜାପକ୍ଷୀ ପରି
ଏଣେତେଣେ ବୁଲୁଥାନ୍ତି
ସ୍ୱପ୍ନ ଭାଂଗିଯିବା ପରେ।

ଶବ୍ଦମାନଙ୍କର ଶବ୍ଦ
ଯାହା କାନକୁ ଶୁଭେ
ସେଥିରୁ ଅର୍ଥଟିଏ ଖୋଜିପାଇବା
କଷ୍ଟକର, ତା'ର ଅନେକାଂଶ
ଉଡ଼ାଇ ନେଇଥାଏ ଉନ୍ମାଦ ପବନ।

ଶବ୍ଦଙ୍କର ଯେଉଁ ଦୃଶ୍ୟ ରୂପ
ଆଖିକୁ ଦିଶେ
ତା' ସଦାବେଳେ ନୀରବତାର।

ଓଦା କାଗଜ ଭିତରେ
ଲୁଚିଥିବା ଅକ୍ଷରମାନଙ୍କ ପରି
ଅସ୍ପଷ୍ଟ ତା'ର ଗୋପନୀୟତା।

ମଣିଷ ସୃଷ୍ଟିର ଏତେ ଯୁଗ ପରେ ବି
ତା'ର ଇତିହାସ ସମୃଦ୍ଧ ନୁହେଁ
ଶବ୍ଦଙ୍କର ନୀରବତାକୁ ଭାଂଗି
ଗଢ଼ିବା ପାଇଁ ଗୋଟେ ଉଜ୍ଜ୍ୱଳ ଅର୍ଥରୂପ।

ପ୍ରସ୍ତର ଯୁଗର ମଣିଷ ପରି
ଆଜି ବି ସେ ଆଦିମ, ଅସହାୟ
ଯୋଡ଼ିପାରେନା ନିଜକୁ
ଈଶ୍ୱର କି ଆଉ କାହା ସହିତ
ଶବ୍ଦ କି ଅର୍ଥର ରଜ୍ଜୁରେ।

ସବୁ ଯୁକ୍ତିର ଶବ୍ଦମାନଙ୍କ ପଛରେ
ଠିଆ ହୋଇଥାଏ ନୀରବତା
ନୀରବତା ପଛରେ
ସେଇ ପ୍ରାଚୀନ ଶୂନ୍ୟତା।

(ନିର୍ମଳ ଚନ୍ଦ୍ରାଲୋକ- ପୃ : ୬୩)

ବିଶେଷ ଗଳ୍ପ

# ଦି'ଟି ଗପ

ରଜନୀକାନ୍ତ ମହାନ୍ତି

## ୧।। ଘର ୱାପସ୍

ଟିପ ରାଉଳ ଧଇଁସଇଁ ହେଇ ପହଂଚିଲା ବେଳକୁ ବି.ଡି.ଓ. ବାବୁ ଟୁର୍‌ରେ ବାହାରି ଗଲେଣି। ସେ ବ୍ଲକ୍ ଅଫିସ୍‌ର ଗୋଟେ କୋଣରେ ବସିଲା। ଏପାଖ ସେପାଖ ହେଉଥିବା ଲୋକମାନଂକୁ ପଚାରି ବୁଝୁଥିଲା– ବାବୁ କେତେବେଳେ ଆସିବେ।

କେହିକେହି କିଛି ନ କହି ଚାଲିଯାଉଥିଲେ ତ କେହି କେହି କହୁଥିଲେ ସେ କେବେ ଫେରିବେ କେବଳ ସେ ହିଁ କହିପାରିବେ। ତଳିଆ କର୍ମଚାରୀଂକୁ ତାଂକ ଫେରିବା ସମୟଟା କାହିଁକି କହିବେ!

ଟିପ କିଂତୁ ପଚାରିବାରେ ହେଳା କରୁ ନ ଥାଏ ଏବଂ ବାରଂବାର ଉପରକୁ ଅନଉଥାଏ।

ଦୀର୍ଘ ସମୟ ଅପେକ୍ଷା କଲାପରେ ବି.ଡି.ଓ. ଫେରିଲେ। ନିଜ ଅଫିସ୍ ରୁମ୍‌କୁ ଟିପ ରାଉଳ ବହୁ କାକୁତିମିନତି ପରେ ବି.ଡି.ଓ. ବାବୁଂକୁ ଦେଖା କରିବାର ସୁଯୋଗ ପାଇଲା। ବି.ଡି.ଓ. ହତାଦର ନ କରି ସମ୍ମାନର ସହ ବସିବାକୁ କହିଲେ ଏବଂ ସାକ୍ଷାତ୍‌ର କାରଣଟି ପଚାରିଲେ।

ଟିପ ରାଉଳ ସରକାରୀ କାଗଜ ଖଣ୍ଡେ ବଢ଼ାଉ ବଢ଼ାଉ କହିଲା– ସାର୍! ମୋତେ ଆବାସ ଯୋଜନାରେ ଯେଉଁ କୋଠାଘର ଦିଆଯାଇଛି, ତାକୁ ୱାପସ୍ କରିନିଅଂତୁ।

ଆଶ୍ଚର୍ଯ୍ୟ ହେଇ ଅନେଇଲେ ବି.ଡି.ଓ.। ଟିପ ରାଉଳ ତା' କଥାରେ ଆଗେଇଲା– ସାର୍! ବର୍ଷକର ସ୍କୁଲ୍‌ଘର ପକ୍କା ଛାତ ଖସିପଡ଼ି ତିନିଟା ଛୁଆ ଗୁରୁତର ହେଲେ। ଜଣକର ଗୋଡ଼ହାଡ଼ ଭାଂଗିଗଲା ଯେ ଆଜୀବନ ଛୋଟା। ପକ୍କା ପୋଲଟା ହଉହଉ ଖସିପଡ଼ିଲାଯେ ଦି'ଟା ଲୋକ, ଗୋଟେ ମଟରସାଇକେଲବାଲା ମରିଗଲେ। କେପିଟାଲ୍‌ର ନୂଆ ସରକାରୀ କ୍ୱାର୍ଟରରୁ ଫେନ୍ ଖସିପଡ଼ି ଜଣଂକର ମୁଣ୍ଡ ଫାଟିଗଲା। କୋଉ ଇଲେକ୍ଟ୍ରି ତାର ଦେଲେଯେ ଆମ ଗାଁ ପଟା ମହାଂତି ଘରେ ବମ୍ ଫୁଟିଲା ସାର୍! ଆବାସ ଯୋଜନାରେ ମୋତେ ଯେଉଁ ପକ୍କା ଘର ମିଳିବ ତା'ଛାତ ମୋ' ନାଡି ଉପରେ ଖସିପଡ଼ିବ ଯଦି! ଡରିଗଲା ଭଳିଆ କହିଲା ଟିପ– ସାର୍! ମୋର ମାଗୁଣି, ମୋତେ ପକ୍କାଘର ନ ଦେଇ ଚାଳଛପର ଘରଟେ ଦିଅଂତୁ ସାର୍!

ବି.ଡି.ଓ. ବାବୁଂକ ଆଖି ବିସ୍ଫାରିତ ହୋଇଗଲା। ଏତିକି ବେଳକୁ ଟିପ ରାଉଳ ଉପରକୁ ଅନେଇଦେଇ କହିଲା– ସାର୍! ଉପରକୁ ଅନାଂତୁ! ଆପଣଂକ ଛାତ ପାଣି ଜରକୁଛି। ଖସିପଡ଼ିବ ଆପଣଂକ ଉପରେ କେତେବେଳେ! ସାବଧାନ ଥାଆଂତୁ ଆଜ୍ଞା।

ବି.ଡି.ଓ. ମହାଶୟ ଉପରକୁ ଅନାଇ ଦେଇ ହଠାତ୍ ଛିଡ଼ା ହେଇପଡ଼ି କହିଲେ– ଏଁ!

## ୨।। ଗୁମର

ପ୍ରଥମଥର ସେ ସିନାନୀ ଘରକୁ ଗଲା। କଲିଂବେଲ୍ ଦେଲାରୁ ତା' ମାଆ କବାଟ ଖୋଲିଲେ। ସେ ଜୁହାର ହେଲା। କହିଲା– ମୁଁ ସତ ଦାସ! ସିନାନୀ, ମୁଁ ଗୋଟେ କଲେଜରେ ପଢୁ। ଡାକଂତୁନା ତାକୁ, କାମ ଅଛି।

ହୁଁ ଟେ ମାରି ସେ ସତର ପାଦରୁ ମୁଣ୍ଡଯାଏ ନିବିଡ଼ ନିରେଖିଲେ ଏବଂ ହସିଲେ। କହିଲେ – ଆସ! ସତ ତାଂକ ପଛେପଛେ ସିନାନୀର ପଢ଼ାଘର–କମ୍–ଶୋଇବା ଘରକୁ ଗଲା। ସେଠି ସେ ସତକୁ ପୁଣି ନିରେଖିଲେ। ଛିଡ଼ା ହେଇ ରହିଲେ। ସତ ଚୁପ୍‌ଚାପ୍। କିଛି ସମୟ ପରେ ସେ କହିଲେ– ଓଃ ସରି, ସିନାନୀ ଘରେ ନାହିଁ। କହିବାକୁ ଭୁଲିଯାଇଛି। ସତ ନମସ୍କାର କରି ଫେରିଗଲା।

ସତ କିଛିଦିନ ପରେ ଦ୍ୱିତୀୟ ଥର ଗଲା। ସିନାନୀର ମାଆ ସଂଗେ ସଂଗେ କହିଲେ– ନା, ସିନାନୀ ଘରେ ନାହିଁ। ସାଂଗ ଘରକୁ ଯାଇଛି। ସତ ଫେରିଆସିଲା ବେଳକୁ ଦେଖିଲା ସିନାନୀ ଛାତ ଉପରେ ଲୁଗା ଶୁଖାଉଛି! ସେ ଅପ୍ରତିଭ ହେଇ ଫେରିଲା।

ଏମିତି ତିନିଥର ହେଲାଣି। ସିନାନୀ ଘରେ ନ ଥିଲା ବେଳେ ତା' ମାଆ କହୁଛଂତି– ହଁ ଅଛି, ଆସ। ଥିଲାବେଳେ କହୁଛଂତି– ନା ନାହିଁ, ଯାଅ। ସତ ବୁଝିଗଲା ଯେ ମାଆ ଚାହୁଁନାହାଂତି ସିନାନୀ ସହ ସେ ତାଂକ ଘରେ ସାକ୍ଷାତ୍ କରୁ। ଏଥିପାଇଁ ସେ ଆଉ ସିନାନୀ ଘରକୁ ଗଲାନି।

ଏବେ ମାର୍କେଟ୍‌ରେ ସିନାନୀର ମାଆଂକ ସହ ଲଭ୍‌ଲି ମଲ୍‌ରେ ଦେଖାହେଲାରୁ ସେ ହସିହସି ପଚାରିଲେ– ଆରେ ସତ! ତୁମର ତ ଆଉ ଦେଖାନାହିଁ!

**– ବିଜୁ ପଟ୍ଟନାୟକ ନଗର, ମହତାବ ଛକ ନିକଟ, ଡାକ: ପ୍ରାଚୀନଗର ଭାୟା– ମାଧବ ନଗର, ଭଦ୍ରକ**



ଗଳ୍ପ

# ନାଚସାଥୀ

ଡ. ବିଜ୍ଞାନୀ ଦାସ

ଆଜି ଶୁକ୍ରବାର। ତରବର ହୋଇପଡ଼ିଲା ଜଲି। ଏ ନାଚର ଭଙ୍ଗୀଗୁଡ଼ିକୁ ଜବରଦସ୍ତ ଅକ୍ତିଆର କରିବାକୁ ପଡ଼ିବ। ନହେଲେ ବଡ଼ ଅପମାନଜନକ କଥା ହେବ। ତା' ନାଚକ୍ଲାସ୍‌ରେ ସେମାନେ ଜମା ତିନିଜଣ। ଆଉ ଦୁଇଜଣ, ଜଲିଠାରୁ କମ୍ ବୟସର। ସେମାନେ ଖୁବ୍‌ଶୀଘ୍ର ସବୁ ଶିଖିଯାଉଛନ୍ତି, ହେଲେ ଜଲିକୁ ସମୟ ଲାଗୁଛି। ଏମିତିକି ବେଳେବେଳେ ମନେହେଉଛିଯେ ଜଲି ଯଦି ଏବେ ପୁଣିଥରେ ଶିଶୁଶ୍ରେଣୀରୁ ପଢ଼ିବା ଆରମ୍ଭ କରେ, ହୁଏତ ଫେଲ୍ ହେବ କି କ'ଣ? ଏତେ କ୍ଲାସ୍ ଗଲାଣି, ସେପ୍ଟେମ୍ବରରୁ ଆସି ମାର୍ଚ୍ଚ ହେଲାଣି, ହେଲେ କିଛି ବି ତା'ର ମନେରହୁନି। ତେବେ ଲାଜକୁ ସେ ତ୍ୟାଗ କରିଦେଇଛି। ଯାହା ବି ହେଉ, କିଛି ତ ବ୍ୟାୟାମ ତା'ର ଦରକାର। ସେ ବ୍ୟାୟାମ ହୋଇଗଲେ ଗଲା। କୋଉ ମଞ୍ଚ ଉପରେ ନାଚ କରିବା ଦରକାରଯେ ତାକୁ ଶତକଡ଼ା ଶହେଭାଗ ନିପୁଣ ହେବାକୁ ପଡ଼ିବ। ଜଲିର ମଝିଆଁ ଝିଅ ସ୍ପ୍ରିଙ୍ଗବ୍ରେକ୍‌ରେ ଆସି ଘରେ ଥାଏ। ତାକୁ ଡାକି ତଳକୁ ଗଲା ଜଲି ଓ ସେ ଶିଖୁଥିବା ନାଚର ଗୋଟିଏ ଷ୍ଟେପ୍ ତାକୁ ଶିଖାଇବାକୁ କହିଲା।

ମଝିଆଁଝିଅକୁ ବଡ଼ ମଜାଲାଗିଲା। ସିଏ ଆଇଫୋନ୍‌ରେ ଫେସ୍‌ଟାଇମ କରି ବଡ଼ଝିଅକୁ ଲଗେଇ ଦେଲା। ବାସ୍ ଦୁଇଭଉଣୀ ଜଲିର ନାଚ ଅଭ୍ୟାସରେ ସାହାଯ୍ୟ କରିବାକୁ ଆଗ୍ରହର ସହିତ ଅନାଇ ବସିଲେ। ହେଲେ ସେ ଅସାଧ ଷ୍ଟେପ୍‌ଟା ସାଧ ହେଲେ ସିନା? ଶେଷରେ ବ୍ୟର୍ଥ ହୋଇ ବିଶ୍ରାମ ନେବାକୁ ଆସିଲା ଜଲି।

କୁଆଡ଼େ ଗଲା ସେଦିନ? ଯେବେ ମନେରଖିବାର ଶକ୍ତିରେ ତାକୁ ଟପିଯିବାକୁ କେହି ନ ଥିଲେ। ତା'ମାନେ କ'ଣ ବୟସ ବଢ଼ିଲେ ଏମିତି ମନେରଖିବାର ଶକ୍ତି କମିଯାଏ ନା କ'ଣ? ହୁଏତ ମସ୍ତିଷ୍କରେ ବର୍ଷବର୍ଷର ଶିକ୍ଷା, ସ୍ମୃତି ଇତ୍ୟାଦି ଜମା ହୋଇ ନୂଆ କିଛି ଶିଖିବା ପାଇଁ ଜାଗା ନାହିଁ କି କ'ଣ? ତେବେ ସେଥିରେ ନିରୁତ୍ସାହିତ ହୋଇ ନ ଥିଲା ଜଲି। ଦେଖାଯାଉ କ'ଣ ହେଉଛି? ହୁଏତ ଏମିତି ଅଭ୍ୟାସ କରୁକରୁ ତା' ମସ୍ତିଷ୍କ ଏ ଶିକ୍ଷାଟିକୁ ଆଦରି ନେବ। ସେଇ ବିଶ୍ୱାସରେ ନାଚକ୍ଲାସ୍‌କୁ ପ୍ରତି ଶୁକ୍ରବାର ରାତିରେ ଯିବାଟା ଜାରି ରଖିଥିଲା ଜଲି।

ସ୍ୱାମୀ ତରୁଣଙ୍କୁ ବି ବଡ଼ ମଜା ଲାଗିଲା। ''ଯାହା ନ ହୋଇଛି ବାଳ କାଳେ, ତାହା କି ହେବ ବୃଦ୍ଧ କାଳେ। ଖାଲି ଅର୍ଥ ଶ୍ରାଦ୍ଧ କରିବା କଥା। କୋଉ ଐଶ୍ୱର୍ଯ୍ୟା ରାୟ ସାଙ୍ଗରେ ନାଚ କରିବାର ଅଛି ନା କ'ଣ? ବ୍ୟାୟାମ ପାଇଁ ଯନ୍ତ୍ରଟିଏ କିଣା ହୋଇ ସେମିତି ଘରେ ଠାକୁର ହୋଇ ପୂଜା ପାଉଛି। ସେଥିରେ ବ୍ୟାୟାମ ନ କରି ନାଚଶିଖା।''

ତେବେ ଜଲି ସେ ଅପମାନକୁ ପିଇଗଲା। ନ ପିଇ ଆଉ କ'ଣ ବା ଚାରା ଅଛି। ସେ ଏକ୍‌ସରସାଇଜ୍ ମେଶିନ୍‌ରେ ତାକୁ ଜମା ବି ବ୍ୟାୟାମ କରିବାକୁ ଇଚ୍ଛା ହେଉନି। ସେଥିପାଇଁ ଜଲି ସ୍ଥିର କରିଥିଲାଯେ ସିଏ ନାଚ ଶିଖିବ। ନାଚ କରିବାକୁ ସିଏ ଭଲପାଏ। ଯଦିଓ କେବେ ସେ ନାଚରେ ତାଲିମ ପାଇନି, ତେବେ ଯେହେତୁ ସେଇଟା ସିଏ କରିବାକୁ ଭଲପାଏ, ତେଣୁ ସେଇ ଭଲପାଇବା ହିଁ ତା'ର ଓଜନକୁ ନିୟନ୍ତ୍ରିତ କରି ରଖିବ ବୋଲି ମନରେ ବିଶ୍ୱାସ ଜାଗିଥିଲା। ପ୍ରଥମେ ପ୍ରଥମେ ଟିକେ ମାଡ଼ି ପଡୁଥିଲା। ତେବେ ଆମେରିକା ଦେଶରେ ୬୦–୭୦ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ଶ୍ରେଣୀଗୃହରେ ଦେଖିଛି ସିଏ। ସେଇ ଦୃଶ୍ୟ ହିଁ ତା'ର ପ୍ରେରଣା। ବୟସକୁ ଶିକ୍ଷାର ପ୍ରତିବନ୍ଧକ ନ କରିବାର ଭାବନା ସେ ସେମାନଙ୍କଠାରୁ ଶିଖିଛି।

ଜଲିର ନାଚ କ୍ଲାସ୍ ପ୍ରତି ଶୁକ୍ରବାର ଦିନ, ରାତି ସାଢ଼େ ଆଠଟାରେ ଆରମ୍ଭ ହୁଏ ଓ ସାଢ଼େ ନଅଟାରେ ସରେ। ସେପ୍ଟେମ୍ବର ମାସରୁ ସେଇ ଏକା ରୁଟିନ୍। କ୍ଲାସ୍‌ରେ ଦୁଇ ଦୁଇଟା ଶିକ୍ଷକ ପରିବର୍ତ୍ତନ ହୋଇ ଏବେ ତୃତୀୟ ଶିକ୍ଷକ ଅଛନ୍ତି। ମନେପଡ଼େ କେମିତି ଜାନୁୟାରୀ ମାସର ପ୍ରଥମ ନାଚ କ୍ଲାସ୍‌ରେ ପହଞ୍ଚିବା ବେଳକୁ ଟିଚର ପ୍ରିୟା ସହିତ ଆଉ ଜଣେ ଯୁବକକୁ ଦେଖି ଆଶ୍ଚର୍ଯ୍ୟ ହୋଇଥିଲା ଜଲି। ତେବେ ତା' କ୍ଲାସ୍‌ର ଆଉ ଦୁଇଜଣ ସାଥୀ ସେ ଯୁବକକୁ ଜାଣିଥିଲେ। ସେ ଯୁବକ ସେମାନଙ୍କ ପିଲାମାନଙ୍କର ନାଚ ଶିକ୍ଷକ ଥିଲା। ହେଲେ କିଛି ଭିସା ଗଣ୍ଡଗୋଳ ପାଇଁ ସିଏ ଠିକ୍ ସମୟରେ ସେପ୍ଟେମ୍ବରରେ ଆମେରିକା ଆସିପାରି ନ ଥିଲା। ତେଣୁ ଶୁକ୍ରବାର କ୍ଲାସ୍ ପାଇଁ ଜଣେ ଅସ୍ଥାୟୀ ଶିକ୍ଷୟିତ୍ରୀ ଭାବେ ପ୍ରିୟାକୁ ନିଯୁକ୍ତି ଦିଆଯାଇଥିଲା। ଏବେ ସେଇ ଯୁବକ ହିଁ ତାଙ୍କ କ୍ଲାସ୍‌କୁ ଶିଖାଇବ।

ଜଲିକୁ ଟିକେ କେମିତି କେମିତି ଲାଗିଲା। ଆମେରିକାରେ ଏତେଦିନ ରହିବା ପରେ ବି ତା' ମନଟା ଏତେଟା ମୁକ୍ତ ହୋଇନି ଆଜି ପର୍ଯ୍ୟନ୍ତ। ପୁଅପିଲାଠାରୁ ନାଚ ଶିଖିବା କଥାଟା ଭାବିବାମାତ୍ରେ ହିଁ ତା' ମନରେ ସଙ୍କୋଚ ଆସିଗଲା। ପ୍ରଥମ କ୍ଲାସ୍‌ରେ ମଧ୍ୟ ତା'ର ସେ ସଙ୍କୋଚ ଆସିଥିଲା ଯେହେତୁ ତା' ନାଚ କ୍ଲାସ୍‌ର ପ୍ରଥମ ଶିକ୍ଷକ ହିଁ ଜଣେ ଯୁବକ ଥିଲା। ତେବେ ଚତୁର୍ଥ କ୍ଲାସ୍ ବେଳକୁ ଯେତେବେଳେ ପ୍ରିୟା ସେ କ୍ଲାସ୍ ଶିଖାଇବାକୁ ଆସିଲା, ଜଲିକୁ ଭଲ ଲାଗିଥିଲା। ପ୍ରିୟା ସହିତ ସେମାନେ ସମସ୍ତେ ବି ଭଲ ଭାବେ ମିଶିଯାଇଥିଲେ। ପ୍ରିୟା ବଲିଉଡ୍‌ରେ ବହୁତ ସିନେମାରେ ନାଚ କରିଛି। ବିଶେଷତଃ 'ବାଜିରାଓ ମସ୍ତାନୀ' ସିନେମାରେ ତା'ର ନାଚିବାର ଅଭିଜ୍ଞତା ବର୍ଣ୍ଣନା କରି ସେ ସମସ୍ତଙ୍କୁ ଚମତ୍କୃତ କରାଏ। ହେଲେ ଏବେ ପ୍ରିୟା ବଦଳରେ ପୁଣି ଗୋଟିଏ ଯୁବକଠାରୁ ନାଚ ଶିଖିବାକୁ ପଡ଼ିବ। ହେଉପଛେ ସେ ଯୁବକ ତା' ପୁଅ ବୟସର, ଜଲିକୁ ସଂଭ୍ରମତା ମାଡ଼ି ପଡୁଥିଲା। ପ୍ରଥମେ ତ ସେ ନାଚ ଭଲଭାବେ ଶିଖିପାରୁ ନ ଥିଲା, ତା' ଉପରେ ପୁଣି ପୁଅପିଲାଟିଏ ଶିଖେଇବ।

ବହୁତ ଭାବିଚିନ୍ତି ଜଲି ସ୍ଥିର କରିଥିଲାଯେ, ସେ ବଲିଉଡ୍ ନାଚ ଶିଖିବ। ରକ୍ତରେ ଶର୍କରା ଭାଗ ଅଧିକ ଥିବା ଖବର ଶୁଣିବା ଦିନରୁ ତା' ମୁଣ୍ଡ କାମ କରୁ ନ ଥିଲା। ସେମିତି ତ ଖରାପ ଜିନିଷ ଖାଇବା ଅଭ୍ୟାସ ତା'ର ନାହିଁ। ତେବେ କେମିତି ନିୟନ୍ତ୍ରିତ କରିବ ଓଜନ, ମେଟାବୋଲିଜମ୍ ଓ ରକ୍ତଶର୍କରା? କେମିତି ପୂରଣ କରିବ ବ୍ୟାୟାମର ଆବଶ୍ୟକତା? ଏଠିତ କାର୍‌ରେ ଯାଅ, କାର୍‌ରେ ଆସ। କାମ ବି ସେମିତି କମ୍ପ୍ୟୁଟରରେ, ଲେଖାଲେଖି, ମିଟିଂ ଇତ୍ୟାଦି। ସେଥିରେ ବ୍ୟାୟାମ କରିବା ପାଇଁ ବେଳନାହିଁ। ଘରେ ପହଞ୍ଚିଲେ, ରୋଷେଇ, ସଫାସଫି ଇତ୍ୟାଦି ପରେ, ଶରୀରରେ ବଳ ବି କାହିଁ, ନା ସେ ମାନସିକତା କାହିଁ ଯେ ଜଣେ ବ୍ୟାୟାମ କରିବ। ସେଥିପାଇଁ ଜଲି ବହୁତ ଭାବିଛି। ଶେଷରେ ସେ ଆର୍ଯ୍ୟା ଡ୍ୟାନ୍‌ସ ଏକାଡେମୀର ନାଚକ୍ଲାସ୍‌ରେ ଯୋଗଦେବାକୁ ସ୍ଥିରକଲା।

ପ୍ରଥମେ କେଉଁ ଶ୍ରେଣୀରେ ନାରୀ ଶିକ୍ଷୟିତ୍ରୀ ଥିବେ, ସେ ନେଇ ସେ ଅନୁସନ୍ଧାନ କରିଥିଲା। ତେବେ ନାରୀ ଶିକ୍ଷୟିତ୍ରୀ ଥିବା ସବୁ ଶନିବାର ସକାଳର କ୍ଲାସ୍ ପୂରିଯାଇଥିଲା। ଯେଉଁସବୁ କ୍ଲାସ୍ ଖାଲିଥିଲା, ସେସବୁ କ୍ଲାସ୍ ଜଲି ରହୁଥିବା ସ୍ଥାନରୁ ବହୁତ ଦୂର। ଏତେ ଦୂର ଡ୍ରାଇଭ୍ କରି ନାଚ ଶିଖିବାକୁ ଯିବାଟା ମନକୁ ପାଉ ନ ଥିଲା ଜଲିର। ତେବେ ଶୁକ୍ରବାର ରାତି କ୍ଲାସ୍‌ରେ, ଶିକ୍ଷକର ନାଁଟା ରୋଶନୀ ଦେଖି ସେ ଭାବିଲା, ରୋଶନୀ ନିଶ୍ଚୟ ଝିଅର ନାମ ଓ ସେଇ କ୍ଲାସ୍‌କୁ ହିଁ ସିଏ ଯିବ। ପ୍ରଥମେ ରାତିରେ କ୍ଲାସ୍‌ଯିବାଟା ପସନ୍ଦ ନ ଥିଲା ତା'ର। ଶୀତଦିନେ ରାତି ସାଢ଼େଆଠଟା ମାନେ ବହୁତ ରାତି। ତା'ପରେ, କେବେ ବରଫ ପଡ଼ିବ ତ କେବେ ବର୍ଷା; ସେଥିରେ ରାତିରେ କିଏ ଯିବ ନାଚ ଶିଖିବାକୁ? ଏମିତି ଭାବିଭାବି ଜଲି ଯାଇଥିଲା ସେପ୍ଟେମ୍ବର ମାସର ପ୍ରଥମ କ୍ଲାସ୍‌ଟିକୁ ଅବ୍‌ଜରଭ୍ କରିବା ପାଇଁ।

ଠିକଣା ଜାଗାରେ ପହଞ୍ଚିବା ବେଳକୁ ସେଠାରେ ଗୋଟିଏ ମଦ ଦୋକାନ। ଜଣାପଡୁଥାଏ, ସେ ମଦ ଦୋକାନର ମାଲିକ ଭାରତୀୟ। କାରଣ, ତାଙ୍କ ଭିତରୁ ତିନି ଚାରିଜଣ ଭାରତୀୟଙ୍କ ଭଳି ଦିଶୁଥା'ନ୍ତି ଓ ଜଣେ ଶିଖ୍‌ମାନଙ୍କ ଭଳି ପଗଡ଼ି ପିନ୍ଧିଥାଏ। ସେ ଦୋକାନକୁ ଲାଗି ଗୋଟିଏ ମେକ୍ସିକାନ୍ ଜେନେରାଲ ଷ୍ଟୋର ଥାଏ। ସେଠି ଗଣିଦେବା ଭଳି ଗ୍ରାହକ ଥାଆନ୍ତି ବୋଧହୁଏ। ବାହାରେ ରହିଥିବା କାର୍‌ଗୁଡ଼ିକର ସଂଖ୍ୟାରୁ ସେଇଆ ଜଣାପଡୁଥିଲା। ସେ ଷ୍ଟୋରର୍ ପିଣ୍ଡାରେ ବେଞ୍ଚଟିଏ ପଡ଼ିଥାଏ। ସେ ବେଞ୍ଚରେ କେତେଜଣ ଭାରତୀୟ ଲୋକ ବସିଥାଆନ୍ତି। ସେମାନଙ୍କ ଭିତରେ ଜଣେ ନାରୀଙ୍କୁ ଦେଖି ଜଲି ପଚାରିଲା, 'ଏଠି କେଉଁଠି ବଲିଉଡ୍ ନାଚ ଶିଖାହେଉଛି?'

ସେ ନାରୀଜଣକ କହିଲେ, 'ମୁଁ ତ ଜାଣିନି। ତେବେ ଏଠି ଉପରେ କରାଟେ ଶିଖାଯାଏ। ହୁଏତ ସେଠି କିଛି ଶିଖାଯାଉଛି।'

ସେତିକିବେଳେ ସେ ମଦ ଦୋକାନରୁ ଜଣେ ଯୁବକ ବାହାରୁଥିଲେ। ସିଏ କହିଲେ, ''ହଁ, ଏଇଠି ଉପରେ ସେ କରାଟେ ଜାଗାରେ ବଲିଉଡ୍ ନାଚ ଶିଖାଯାଉଛି।''

ଜଲି ପଚାରିଲା, 'କେଉଁବାଟେ ଉପରକୁ ଯାଇହେବ?'

ସେ ବିଲ୍‌ଡିଂର ଗୋଟିଏ କୋଣକୁ ଦେଖାଇ ସେ କହିଲେ, 'ସେଇଠି ପାହାଚରେ ଗଲେ ଉପରେ ସେ କରାଟେ କ୍ଲାସ୍ ପଡ଼ିବ।'

ସେ ଯେଉଁ କୋଣକୁ ଦେଖାଇଲେ, ସେ ଜାଗାଟି ଅନ୍ଧାରୁଆ ଥାଏ। ଜଲିକୁ ଭୀଷଣ ଡର ଲାଗୁଥାଏ। ସେ ଅନ୍ଧାରରେ ଥିବା ସନ୍ତସନ୍ତିଆ ପାହାଚ ଚଢ଼ି ଉପରକୁ ଯାଇ ଦେଖିଲା, ସେଠି ଅନେକ ଭାରତୀୟ ପିତାମାତା ଜମା ହୋଇଥାଆନ୍ତି। ସେମାନଙ୍କ ପିଲାମାନଙ୍କର କ୍ଲାସ୍ ଚାଲୁଥାଏ। ସେମାନଙ୍କ ଭିତରୁ ଜଣଙ୍କୁ ସିଏ ଆଡଲ୍‌ଟମାନଙ୍କ କ୍ଲାସ୍ ବିଷୟରେ ପଚାରିଲା ଓ ସେ ଉତ୍ତର ଦେଲେଯେ ପିଲାମାନଙ୍କ କ୍ଲାସ୍ ପରେ ଆଡଲ୍‌ଟମାନଙ୍କ କ୍ଲାସ ହେବ।

କିଛି ସମୟ ପରେ ପିଲାମାନଙ୍କର କ୍ଲାସ ସରିଗଲା। ନାଚ ହେଉଥିବା କୋଠରିର ଦ୍ୱାର ଖୋଲିଲା। ବାହାରେ ବସିଥିବା ପିତାମାତାମାନେ ସେମାନଙ୍କ ପିଲାଙ୍କୁ ନେଇ ଫେରିଗଲେ। ଶେଷକୁ ରହିଲେ ଜଣେ ନାରୀ ଓ ଜଣେ ପୁରୁଷ। ଜଲି ପଚାରିଲା– 'ଏଠି ଆଡଲ୍‌ଟମାନଙ୍କ ପାଇଁ ନାଚ କ୍ଲାସ୍ ହୁଏ?' ସେ ନାରୀ ଜଣକ, ଯାହାଙ୍କ ନାମ ପରେ ସୀମା ବୋଲି ଜାଣିଲା ଜଲି, ସେ କହିଲେ– ''ହଁ, ତେବେ ଏବେ କ୍ଲାସ୍‌ରେ ମୁଁ ଏକୁଟିଆ। ଇଏ ଆମର ଶିକ୍ଷକ, ରୋଶନୀ।''

ସେତେବେଳକୁ ଜଲିର ମୁଣ୍ଡ ଗୋଳମାଳ ହୋଇଗଲାଣି। ପ୍ରଥମେ ତ ସେ ଶିକ୍ଷୟିତ୍ରୀ ବୋଲି ଯାହାକୁ ଭାବିଥିଲା, ଏବେ ସେ ଜଣେ ଶିକ୍ଷକ। କ୍ଲାସ୍‌ରେ ଜମା ଆଉ ଜଣେ ମାତ୍ର ଛାତ୍ରୀ। ହେଲେ ଯେହେତୁ ସେ କ୍ଲାସ୍‌ଟି ଫ୍ରି ଥିଲା, ସୀମା ବହୁତ ଅନୁରୋଧ କଲା ଜଲିକୁ ସେ କ୍ଲାସ୍‌ରେ ରହି ଗୋଟିଏ ପ୍ରାକ୍ଟିସ୍ ଲେସନ୍ ନେବାକୁ ଓ ଜଲି ରହିଗଲା।

ଘରକୁ ଫେରି ବାରମ୍ବାର ସେହି ପ୍ରଶ୍ନ ତାକୁ ଚିନ୍ତିତ କରାଉଥିଲା। ପୁଅ ନାଚ ଶିକ୍ଷକର କ୍ଲାସ୍‌ରେ ଯୋଗଦେବ କି ନାହିଁ? ଦ୍ୱିତୀୟ କଥାହେଲା, ମଦ ଦୋକାନ ଉପରେ ସେ କ୍ଲାସ୍‌ଟି ଥିଲା। ରାତି କ୍ଲାସ୍, ପୁଅ ଶିକ୍ଷକ ଓ ମଦଦୋକାନ ଉପରେ ନାଚ ଶିଖାହେବା କଥା ସବୁ ମିଶି ଜଲିର ମନକୁ ଆନ୍ଦୋଳିତ କରୁଥିଲା। ମନ କହୁଥିଲା, ଭୁଲିଯିବାକୁ ନାଚ କଥା। ପୁଣି ରକ୍ତଶର୍କରା ପରିସ୍ଥିତି ତା' ମନ ଭିତରକୁ ଆସିଲା। କ'ଣ କରିବ କ'ଣ ନ କରିବ ହୋଇ ଜଲି କ୍ଲାସ୍ ପାଇଁ ରେଜିଷ୍ଟ୍ରେସନ୍ କରିଦେଲା।

ଭାରି ଲାଜେଇ ଲାଜେଇ ପ୍ରଥମେ ନାଚ ଶିଖୁଥିଲା ଜଲି। ଦୁଇଟି କ୍ଲାସ୍ ପରେ ସେମାନଙ୍କ ସହିତ ଯୋଗ ଦେଇଥିଲା ଶ୍ୱେତା। ଶ୍ୱେତା ଯୋଗଦେବାର ଗୋଟିଏ କ୍ଲାସ୍ ପରେ ସୀମା ବନ୍ଦ କରିଦେଲା। ସୀମା ବନ୍ଦ କରିବା ପରେ, ଅକ୍ଟୋବର ମାସ ଶେଷ ବେଳକୁ ଜଏନ୍ କରିଥିଲା ଅଞ୍ଜନା। ସେଇ ଏକା ସମୟରେ ରୋଶନୀ ବଦଳରେ ଆସିଥିଲା ଆଉ ଏକ ଟିଚର ପ୍ରିୟା। ପ୍ରିୟା ଆସିବା ପରେ ଜଲିକୁ ଭଲ ଲାଗୁଥିଲା। ଶ୍ୱେତା ଓ ଅଞ୍ଜନା ଭଲଭାବେ ସବୁ ଶିଖିଯାଉଥିଲେ। ବେଳେବେଳେ ସମସ୍ତେ ବଲିଉଡ୍ ବିଷୟରେ ଗପୁଥିଲେ। ପ୍ରିୟା ନାଚିଥିବା କେତେକ ଡ୍ୟାନ୍‌ସ ଭିଡିଓ ବେଳେବେଳେ ଦେଖାଉଥିଲା ଓ ସେମାନେ ଦେଖି ଖୁସି ହେଉଥିଲେ।

ଏମିତି ଚାଲିଥିଲା ସବୁକିଛି ଠିକ୍‌ଠାକ୍। ହେଲେ ପୁଣି ପରିବର୍ତ୍ତନ। ପ୍ରିୟା ବଦଳରେ ରାହୁଲ୍ ହେଲା ନାଚ ଶିକ୍ଷକ। ସିଏ ଆରମ୍ଭ କଲା ''ରାମ୍ ଚାହେ ଲୀଲା ଚାହେ'' ନାଚରୁ ଯେଉଁଟା ବହୁତ ଫାଷ୍ଟ ଡ୍ୟାନ୍‌ସ ଥିଲା। ଅଞ୍ଜନା ଓ ଶ୍ୱେତା ଖୁବ୍ ଭଲ କରୁଥା'ନ୍ତି। ଜଲି ସେମାନଙ୍କ ସହିତ ତାଳ ଦେଇ ଚଳାଇ ନେଉଥାଏ। ଲୋକମାନଙ୍କ ଆଗରେ ତ ନାଚିବାର ନାହିଁ, ତେଣୁ କାହିଁକି ଏତେ ଟେନ୍‌ସନ୍। ଏଇ ଭାବନାଟା ହିଁ ତାକୁ ଆଚ୍ଛାଦିତ କରି ରଖିଥାଏ ଓ ସେଥିପାଇଁ ତା' ମନରେ କୌଣସି ଖେଦ ରହୁ ନ ଥାଏ।

ମାର୍ଚ୍ଚ ମାସ ଆସିଗଲା। ଦିନେ ଅଞ୍ଜନା ଓ ଶ୍ୱେତା ପ୍ରସ୍ତାବ ଦେଲେ, ସେମାନେ ସମସ୍ତେ ମିଶି କିଛି ମୌଜମସ୍ତି କରିବା ଦରକାର। ସମସ୍ତଙ୍କର କାମ କରିବା ସମୟ ଅଲଗା ଅଲଗା। ଯଦିଓ ଶ୍ୱେତା କାମ କରେନି, ତା'ର ସ୍ୱାମୀ ଡାକ୍ତର ଓ ସେ ବେଳେବେଳେ ଭର୍ଜିନିଆରେ ଡ୍ୟୁଟି କରନ୍ତି। ଶ୍ୱେତାକୁ ଦୁଇଟି ପିଲାଙ୍କ ପାଖରେ ରହିବାକୁ ପଡ଼େ। ତେଣୁ ସେମାନେ ଠିକ୍ କଲେ ଗୋଟିଏ ଶୁକ୍ରବାର ସେମାନେ ନାଚକ୍ଲାସ୍ ପରେ ବାଲ୍‌ଟିମୋର ଯିବେ ଓ ସେଠି ଗୋଟିଏ ବାର୍‌ରେ ଡ୍ରିଙ୍କ୍ କରିବେ। ଜଲିର ହୃଦୟ ସେଇଠି ସ୍ଥିର ହୋଇଗଲା। ବୟସର ତାରତମ୍ୟକୁ ଏଡ଼ାଇ ସିଏ ସେମାନଙ୍କର ସାଙ୍ଗ ହୋଇ ଯାଇଥିଲା। କିନ୍ତୁ ଏ ବାର୍, ଏ ଡ୍ରିଙ୍କ୍, ଏ ସବୁ ତ ତା'ର ରୁଚି ନୁହେଁ। ହେଲେ ସେଇଥିରୁ ଜାଣିଲା, ଏ ଦୁଇଜଣ ନାଚସାଥୀ ତା'ର ବହୁତ ନାମଜାଦା ବାର୍‌ରେ ସବୁ ଡ୍ରିଙ୍କ୍ କରିଛନ୍ତି। ସେଇଥିରୁ କେତେଟା ବାରର୍ ପ୍ରପୋଜାଲ ସେମାନେ ରଖିଲେ।

''ବାର୍ ନ ଯାଇ ଆମେ ରେଷ୍ଟୁରାଣ୍ଟ ଯାଇପାରିବା। ହେଲେ ନାଚ ପରେ ଏତେ ରାତିରେ ଖାଇବାଟା ତ ବହୁତ ଡେରି ହେବ। ତେଣୁ କୌଣସି ଅଲଗା ଦିନ ଗଲେ କେମିତି ହୁଅନ୍ତା।''– ଜଲି କହିଲା।



ଶନିବାର ଓ ରବିବାର ବି ରାହୁଲ୍‌ର ଅନ୍ୟ ଶିଖାଇବା ଡ୍ୟୁଟି ଥାଏ। କେବେକେବେ ତାର ଛାତ୍ରଛାତ୍ରୀ କୌଣସି ପ୍ରୋଗ୍ରାମ୍‌ରେ ନାଚ ପରିବେଷଣ କରନ୍ତି ତ, କେବେକେବେ ତାକୁ ନିଉଜର୍ସୀ ଯିବାକୁ ପଡ଼େ।

ଭଲହେଲାଯେ, ରାହୁଲ୍ ଏତେଦୂର କ୍ଲାସ୍‌ରେ ଯିବାକୁ ଆଗ୍ରହ ଦେଖାଇଲାନି। ତେବେ ସେମାନେ ସ୍ଥିରକଲେ ପାଖରେ କଲମ୍ବିଆର ଏକ ରେଷ୍ଟୁରାଣ୍ଟକୁ ଯିବେ ଓ ଆଇସ୍‌କ୍ରିମ୍ ଖାଇବେ। ଜଲିର କଥା ରହିଲା ଓ ବୟସର ଏତେ ତାରତମ୍ୟ ସତ୍ତ୍ୱେ ସେମାନଙ୍କ ବନ୍ଧୁତ୍ୱ ବଢ଼ିଲା।

ଏମିତି ସବୁ ଠିକ୍ ଚାଲିଥିଲା। ଧୀରେଧୀରେ ଜଲିର ସଙ୍କୋଚଭାବ କମି ଆସୁଥିଲା ଓ ସେ ବି ଘରେ ଅଭ୍ୟାସ କରି କିଛିଗୁଡ଼ିଏ ଅସାଧ ଷ୍ଟେପ୍ ସବୁ ନିୟନ୍ତ୍ରଣରେ ଆଣିବାକୁ ସକ୍ଷମ ହୋଇପାରିଥିଲା। ''ରାମ୍ ଚାହେ ଲୀଲା ଚାହେ'' ନାଚ ଗୀତରେ ଶିଖାଇବା ପରେ ରାହୁଲ ସେମାନଙ୍କୁ ''ବାଜିରାଓ ମସ୍ତାନୀ'' ସିନେମାର ''ପିଙ୍ଗା ଟପୋରି'' ନାଚ ଶିଖାଇବାକୁ ଆରମ୍ଭ କରିଥିଲେ ଓ ସେମାନେ ବର୍ଷ ଶେଷ ଉତ୍ସବରେ ସେଇଟା ପରିବେଷଣ କରିବା ପାଇଁ ପ୍ରସ୍ତୁତି କରୁଥିଲେ। ''ପିଙ୍ଗା ଟପୋରି'' ନାଚଟି ଭଲ ଲାଗୁଥିଲା ଜଲିକୁ ଓ ସେ କିଛି ଷ୍ଟେପ୍‌ସ ଶିଖିପାରୁ ଥିଲା ସହଜରେ। ହୁଏତ ଏତେଦିନର ଅଭ୍ୟାସବଶତଃ ହେଉ କି ସେ ନାଚର ଅଙ୍ଗ–ବିନ୍ୟାସ ପାଇଁ ହେଉ ନାଚଟି ଭଲ ଲାଗୁଥିଲା ଜଲିକୁ।

ଆସିଲା ଏପ୍ରିଲ୍। ଆର୍ଯ୍ୟା ଡ୍ୟାନ୍‌ସ ଏକାଡେମୀର ରେଜିଷ୍ଟ୍ରେସନ୍ ରିନ୍ୟୁ କରିବାର ସମୟ। ହଠାତ୍ ଶ୍ୱେତା ଇ–ମେଲ୍ ପଠାଇଲାଯେ ସେ ଶନିବାର ସକାଳ କ୍ଲାସ୍‌କୁ ଶିଖିବାକୁ ଯିବ ଓ ଶୁକ୍ରବାର ରାତି କ୍ଲାସ୍‌କୁ ଆଉ ଆସିବନି।

''କ'ଣ ପାଇଁ?'' – ସେଦିନ କ୍ଲାସରେ ସେମାନେ ସେଇ କଥା ଭାବୁଥିଲେ।

ଏତେଦିନର ସାଙ୍ଗମେଳ ପରେ ହଠାତ୍ ସେ ମେଳକୁ ଭାଙ୍ଗିଦେଲେ ଭଲ ଲାଗେନି। ଜଲିକୁ ଭାରି ଖରାପ ଲାଗିଲା। କାରଣ ସୀମା ଛାଡ଼ିବା ଓ ଅଞ୍ଜନା ଯୋଗଦେବା ଭିତରେ, ଶ୍ୱେତା ଓ ଜଲି ବହୁତ ଦିନ ଧରି କେବଳ ଦୁଇଜଣ ସାଙ୍ଗ ହୋଇ ନାଚ ଶିଖୁଥିଲେ। ପ୍ରଥମେ ସୀମା ଯାଇଥିଲା, ଏବେ ଶ୍ୱେତା ଗଲା, ପୁଣି କେବେ ଅଞ୍ଜନା ଚାଲିଯିବ। ତେବେ ଜଲିର କ'ଣ ହେବ? ତା' ନିଷ୍ପତ୍ତିର, ରକ୍ତରେ ଶର୍କରା କମାଇବାର ଏ ବ୍ୟାୟାମର ପରିଣତି କ'ଣ ହେବ? ଯଦି କେହି ସେ ନାଚକ୍ଲାସ୍‌ରେ ନ ରହନ୍ତି, ତେବେ ସେ କ'ଣ ଏକା ଆସିବ ଶିଖିବାକୁ?

ରାହୁଲ୍‌କୁ ପଚାରିଲା ସିଏ, ''କ'ଣ ଶନିବାର କ୍ଲାସ୍‌ରେ ସିଟ୍ ଖାଲି ଅଛି କି? ମୋର ବି ତ ପ୍ରଥମ ପସନ୍ଦ ଥିଲା, ଶନିବାରର କ୍ଲାସ୍‌ରେ ଯୋଗଦେବାକୁ, ହେଲେ ସେଠି ଜାଗା ନ ଥିଲା ବୋଲି ମୁଁ ଏ ଶୁକ୍ରବାର କ୍ଲାସ୍‌ରେ ଯୋଗ ଦେଇଥିଲି। ହୁଏତ ଆମେ ବି ସେ କ୍ଲାସ୍‌କୁ ଗଲେ ଭଲହୁଅନ୍ତା।''

ରାହୁଲ୍ କହିଲା, ''ପ୍ଲିଜ୍, ମୋ' କ୍ଲାସ୍‌ରେ ରୁହ। ନ ହେଲେ ମୋ' ଦରମା କମିଯିବ ଯେ। ଛାତ୍ରଛାତ୍ରୀଙ୍କ ସଂଖ୍ୟା ନେଇ ଆମମାନଙ୍କର ଦରମା।''

''ମୋର ଶୁକ୍ରବାର କ୍ଲାସ୍ ପସନ୍ଦ। କାରଣ ଶନିବାର, ରବିବାର ଏତେସବୁ ଏନ୍‌ଗେଜ୍‌ମେଣ୍ଟ ରହିଥାଏଯେ, ନାଚ ପାଇଁ ସେଥିରୁ ସମୟ ବାହାର କରିବା କଷ୍ଟ ହେବ। ଜଲି ଜୀ, ତମେ ବି ପ୍ଲିଜ୍ ଏଇ କ୍ଲାସରେ ହିଁ ରୁହ। ନ ହେଲେ ମୁଁ ଏକୁଟିଆ ହୋଇଯିବି।''– ଅଞ୍ଜନା ଅନୁରୋଧ କଲା।

ଜଲି ଅନୁଭବ କରୁଥିଲା ଏକ ଅଭିନବ ଆବଶ୍ୟକତାର ଯୋଗାଯୋଗ ସେମାନଙ୍କ ଭିତରେ; ଜଣକର ଜୀବନ ଚଳଣି ପାଇଁ ଜଣକର ସାଥୀ ପାଇଁ, ଆଉ ଜଣକର ବ୍ୟାୟାମ ପାଇଁ। ସେଠି ରହିଥିଲା ଏକ ଅଦ୍ଭୁତ ସଂପର୍କ, ଆବଶ୍ୟକତାର, ଯେଉଁ ସମ୍ପର୍କକୁ କୌଣସି ମୁହୂର୍ତ୍ତରେ କାଟି ଦିଆଯାଇପାରେ, ହେଲେ ବି ସେ ସମ୍ପର୍କର ଏକ ମଧୁର ଓ ସ୍ୱତନ୍ତ୍ର ପରିଚୟ ଅଛି; ସେଇ ପରିଚୟକୁ ରଙ୍ଗରୂପ ଦେବାକୁ ମନରେ ଏକରକମର ମୋହ ଜାଗେ।

ଜଲି କହିଲା, ''ଠିକ୍ ଅଛି, ମୁଁ ଏଇ କ୍ଲାସ୍‌ରେ ହିଁ ରହିବି।''

ରାହୁଲ୍ ଗୀତ ଲଗାଇଲା ସେ କ୍ଲାସ୍‌ରେ ସେଦିନର ଶେଷ ଅଭ୍ୟାସ ପାଇଁ, ''ପିଙ୍ଗା ଟପୋରି...''। ଅଞ୍ଜନା ଓ ଜଲି ନିଜ ନିଜର ପୋଜିସନ୍ ନେଲେ।


– ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# କବିତାରେ ମୋ' ବୋଉକୁ ମୁଁ ଖୋଜୁଚି, ଖୋଜି ଚାଲିଛି ...

**ମନୋରଞ୍ଜନ ଦାଶ ବୃତ୍ତିରେ ଡାକ୍ତର, ହେଲେ କୈଶୋରରୁ କବିତା ତାଙ୍କର ଆତ୍ମା । ମଫସଲି ଗାଁର ଧାନବିଲ ଭିତରେ ତାଙ୍କ ସୃଜନ-ପକ୍ଷୀ ଉଡ଼ି ଶିଖିଛି । ଜୀବନର ଚିକିନିଖି ସାରସ୍ୱତ ଅନୁଭୂତିରେ 'ବୋଉ' ହିଁ ତାଙ୍କର ସାକ୍ଷୀ । ତେଣୁ 'ବୋଉ'କୁ ନେଇ ତାଙ୍କର ବହୁ କବିତା । 'ବୋଉ' ଏବଂ 'ପାଖେପାଖେ ଥାଆଲୋ ବୋଉ' ତାଙ୍କର ଦୁଇଟି କବିତା ଗ୍ରନ୍ଥର ନାଁ । ଅନ୍ୟ ଦୁଇଟି କାବ୍ୟଗ୍ରନ୍ଥ 'କବିତାଗୁଚ୍ଛ' ଓ 'ଶବ୍ଦବ୍ରହ୍ମ' । ଏଥିସହିତ ଚିକିତ୍ସାଭିତ୍ତିକ ବହୁ ପ୍ରବନ୍ଧର ସେ ନିରଳସ ସ୍ରଷ୍ଟା ।**

ଗଛରେ ଫୁଟିଥିବା ଫୁଲ ମୋତେ ଦେଖିବାକୁ ଭାରି ଭଲ ଲାଗେ । ଇଚ୍ଛା ହୁଏ, ଦେବତାଙ୍କ ଦେହରେ ଏ ନ ଲାଗି ଖାଲି ଗଛରେ ଥାଇ ସୁନ୍ଦର ଦିଶନ୍ତାନି! ମୁଁ ସେଇ ଫୁଲକୁ ମନଭରି ଦେଖେ । ବିଭୋର ହୋଇଯାଏ । ମୋ' ପିଲାବେଳଠୁଁ ଏପର୍ଯ୍ୟନ୍ତ ଗଛଟିଏ ଲଗେଇ ପାଣିଦିଏ ଏବଂ ଗଛ ଯେତେବେଳେ କ୍ରମଶଃ ବଢ଼ି ବଞ୍ଚିଯାଇ ସତେଜ ହୁଏ, ସେତେବେଳେ ମୋର ଆନନ୍ଦ କହିଲେ ନ ସରେ ।

ମୋ' ପିଲାବେଳେ ଜେଜେଙ୍କ ସାଙ୍ଗରେ ଗାଁର ଧାନବିଲକୁ ଯାଏ । ମୂଲିଆମାନେ ଧାନ କାଟନ୍ତି, ମୁଁ ଦେଖେ । ମୋତେ ସେତେବେଳେ ୯ ବର୍ଷ ବୟସ ହୋଇଥାଏ । ମୁଁ ଜିଦ୍ ଧରିଲି ଧାନ କାଟିବାକୁ । ଜେଜେ ମୋ' ଜିଦ୍ ପାଖରେ ହାର ମାନି ଦା'ଟିଏ ଧରେଇଦେଲେ । ମୁଁ ଦୁଇଥର ଧାନ କାଟିଚି ତ ହାତ ଅଙ୍ଗୁଳି କଟି ରକ୍ତ ବାହାରିଲା, ସେତିକିରେ ରହିଗଲା ମୋ' ଧାନକଟା । ପୁଣି ଦିନକର କଥା । ଜିଦ୍ କଲି, ଧାନବିଡ଼ା ମୂଲିଆମାନେ ମୁଣ୍ଡେଇ ନେଉଛନ୍ତି, ମୁଁ ବି ନେବି । ଦୁଇ ବିଡ଼ା ଲେଖାଁ ମୁଣ୍ଡେଇ ନେଇ ଖଳାରେ ପକାଏ । ମୁଁ ଲକ୍ଷ୍ୟ କରେ, ସେଇ ମୂଲିଆମାନେ କେତେ ଯତନରେ ଧାନ କାଟନ୍ତି ଓ ବୋହି ଆଣନ୍ତି ଖଳାକୁ । ସେମାନେ ମୂଲ ନିଅନ୍ତି ସତ, କିନ୍ତୁ ଆମ ଖଳାକୁ ଧାନରେ ଧାନରେ ଭରି ଦିଅନ୍ତି । ଦେବୀ ଲକ୍ଷ୍ମୀଙ୍କ ପରି ଦିଶେ ଆମ ଧାନଖଳା ।


ମନୋରଞ୍ଜନ ଦାଶ

ମୁଁ ଯେତେବେଳେ ୧୯୮୭ ମସିହାରେ ଆୟୁର୍ବେଦିକ ଡାକ୍ତରୀ ପଢ଼ିବାକୁ ନାମ ଲେଖାଇଲି, ସେତେବେଳଠୁଁ କବିତା ଲେଖା ଆରମ୍ଭ କଲି । କବିତା ଲେଖିସାରିଲା ପରେ ମୋ' ଅପାଠୋଇ ବୋଉକୁ ଦେଖାଏ । ସିଏ ଶବ୍ଦ ଯୋଡ଼ିଦିଏ, ଭାବର ଆବେଗକୁ ବୁଝେ ଏବଂ ମୋତେ ପ୍ରଶଂସା କରେ । ବାସ୍ ତା' ପରେ ମୁଁ ଧୀରେଧୀରେ ଆଗେଇ ଚାଲିଲି । ଡାକ୍ତରୀ ପାଠ ଅଧ୍ୟୟନ ପରେ ଡାକ୍ତରୀ ପାଶ୍ କରି ନିଜର ପ୍ରାଇଭେଟ୍ କ୍ଲିନିକ କଲି । କବିତା ଲେଖା ଚାଲିଥାଏ । ବିଭିନ୍ନ କବିତା ଆସରର ସଂଯୋଜକ ଭାବରେ ଆତିଥ୍ୟ ମିଳେ । ସବୁ ଅନୁଭବ ଓ ଅନୁଭୂତିକୁ ବୋଉ ପାଖରେ ବଖାଣିବସେ ।

୨୦୦୫ ମସିହାରେ ଆମ ପଟ୍ଟାମୁଣ୍ଡାଇରେ ପ୍ରଥମ କରି ପୁସ୍ତକମେଳା ଆରମ୍ଭ ହୋଇଥାଏ । ସେଥିରେ କବିତା ଆସରରେ ମୋ' ସଂଯୋଜନା ଓ ପୁସ୍ତକମେଳା କଥା ବୋଉ ପାଖରେ କହୁକହୁ ବୋଉ ଆଖି ବୁଜି ଦେଇଥିଲା ସବୁଦିନ ପାଇଁ । ମୁଁ ସେଇ ସମୟକୁ କେବେବି ଭୁଲି ପାରିବିନି । ବୋଉ ଚାଲିଗଲା ପରେ ମୋ' ପାଖରେ ବାପା, ଭାଇ, ପତ୍ନୀ ଓ ଦୁଇ ପୁଅ ଥିଲେ ମଧ୍ୟ ମୁଁ ଯେମିତି ଏକା ହୋଇଗଲି ବୋଲି ମନେହେଲା ।

କିନ୍ତୁ ସେଇ 'ବୋଉ'କୁ ନେଇ ମୋର ଦୁଇଟି କବିତା ସଂକଳନ- 'ବୋଉ' ଏବଂ 'ପାଖେପାଖେ ଥାଆଲୋ ବୋଉ' ବୋଲି ପ୍ରକାଶ ପାଇଛି । ସାହିତ୍ୟ ଓ ସାଂସ୍କୃତିକ ପରିବେଶରେ ଅତିଥି ହୋଇଗଲା ବେଳେ ମୋ' ବକ୍ତବ୍ୟରେ ମୁଁ ପ୍ରାୟତଃ ବୋଉର ସ୍ମୃତିକୁ ତୋଳି ଧରିଥାଏ । ମୋ' ଜୀବନରେ ପ୍ରେରଣାର ଉତ୍ସ ଥିଲା ମୋ' ବୋଉ, ଏବେ ବି ଅଛି ଅଦୃଶ୍ୟରେ । ଚିକିତ୍ସା-ସେବା ମୋ' ବୃତ୍ତି । ହେଲେ କବିତା ଲେଖା ନିଶାରେ ମୋ' ବୋଉକୁ ମୁଁ ଖୋଜୁଚି ଓ ଖୋଜି ଚାଲିଛି... ।

# ଯା' ଯା' ନେଇଯା'

ପ୍ରାଣେଶ୍ୱର ମିଶ୍ର

ଅବିଶ୍ରାନ୍ତ ବର୍ଷା କଟକ ସହରକୁ ନାକେବୁଡ଼ କଲାଣି । ବାହାରେ ଜମିଥିବା ପାଣି ତା'ର ଖାସା ପ୍ରମାଣ । କଂକ୍ରିଟ୍ ରାସ୍ତା ଉପରେ ବସିଛନ୍ତି ଜଣେ ବୃଦ୍ଧ । ପତଳା ଶରୀର, ଖଣ୍ଡା ପରି ନାକ ଓ ଏତେ ବୟସରେ ବି ଆଖିରେ ଛଞ୍ଚାଣର ଦୃଷ୍ଟି । ସକାଳରୁ ସେ ସେମିତି ଭିଜୁଛନ୍ତି । ବର୍ଷା ହେଉ ବା ଖରା, ଶୀତ ହେଉ ବା କାକର ଓ ଦୁଃଖ ହେଉ ବା ସୁଖ, ସବୁଥିରେ ଭିଜିବା ସତେଯେମିତି ତାଙ୍କର ଅଭ୍ୟାସ । ବୃଦ୍ଧଙ୍କ ଉପରେ ଦୁଇ ପଥଚାରୀଙ୍କ ଦୃଷ୍ଟି ପଡ଼ିଲା । ଏତେ ବର୍ଷାରେ ଏମିତି କାହିଁକି ବସିଛନ୍ତି ବୋଲି ସେମାନେ ତାଙ୍କୁ ପଚାରିଲେ । ବୃଦ୍ଧ ମୁହଁ ଉଠାଇଲେ । ସେମାନଙ୍କ ଗୋଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ଥରେ ଆଖି ବୁଲାଇ ଆଣିଲେ । ଥରଥର କଣ୍ଠରେ କହିଲେ- ସବୁ କଥା କ'ଣ କହିହୁଏ ! ସତେଯେମିତି ଆତ୍ମସମର୍ପଣ କରିବାକୁ ସେ ନାରାଜ । ପ୍ରଶ୍ନକର୍ତ୍ତା କେବଳ ଦେଖଣାହାରି ହୋଇ ନିଜ ବାଟରେ ଚାଲିଗଲେ ।

ରାସ୍ତାକଡ଼ର ବତି ଜଳି ସନ୍ଧ୍ୟା ହେବାର ସଙ୍କେତ ଦେଲା । ବୃଦ୍ଧଙ୍କର ଚାଲିବାର ଶକ୍ତି ନ ଥିଲା । ବସିବସି ସେ ବହୁ କଷ୍ଟରେ ଆସି ଗୋଟିଏ ଦୋକାନ ପିଣ୍ଡାରେ ଆଶ୍ରୟ ନେଲେ । ଶରୀରରୁ ପାଣି ନିଗିଡ଼ି ପଡୁଥିଲା । ସେ ପାଣି ନୁହେଁ, ବରଂ ଲାଗୁଥିଲା ଲୁହର ଝରଣା । ବୃଦ୍ଧ ଛାତି ପାଖ କାମିଜ ତଳେ ଥିବା ଜିନିଷକୁ ମଝିରେ ମଝିରେ ଛୁଉଁଥିଲେ । ଏତେ ବର୍ଷାରେ ତାହା ଠିକ୍ ଅଛି କି ନାହିଁ ସେ ଦେଖୁଥିଲେ । ରାତି ହେଲା । ଦୋକାନର ଶର୍ଟର ପଡ଼ିଲା । ଛାତରୁ ପଡୁଥିବା ପାଣିର ଶବ୍ଦ ଛଡ଼ା ଆଉ କିଛି ଶୁଣାଯାଉ ନ ଥିଲା । ବୃଦ୍ଧ ଜାକି ହୋଇ ବସିଲେ । ବୁଲା କୁକୁରଟି ମଧ୍ୟ ପେଟ ତଳେ ମୁହଁ ଗୁଞ୍ଜି ସେଠାରେ ଶୋଇଲା । ପାଖ ଚର୍ଚ୍ଚ ଘଣ୍ଟାରେ ଠନ୍-ଠନ୍ କରି ଦୁଇଟା ବାଜିଲା । ସଜାଗ ହୋଇ ଉଠିଲେ ବୃଦ୍ଧ । ଶିରା ପ୍ରଶିରାରେ ତାଙ୍କର ରକ୍ତ ଦୌଡ଼ିଲା । ବର୍ଷା ମାଡ଼ ଖାଇ ଥଣ୍ଡା ପଡ଼ିଥିବା ଏହି ରକ୍ତରେ ସତେଯେମିତି ନିଆଁ ଲାଗିଲା । 'ଭାରତ ମାତା କି ଜୟ' କହି ଘୋଡ଼ି ହୋଇଥିବା ଚାଦରକୁ ସେ ଦୂରକୁ ଫିଙ୍ଗିଦେଲେ ।

କୁକୁରର ନିଦ ଭାଙ୍ଗିଲା । ସେ ଲାଙ୍ଗୁଡ଼ ହଲାଇ ବୃଦ୍ଧଙ୍କ ପାଖକୁ ଆସିଲା । ତା'ର ମୁଣ୍ଡକୁ ଆଉଁଶି ଦେଲେ ବୃଦ୍ଧ । କୁକୁରଟି ତାଙ୍କ ପାଖକୁ ଆହୁରି ଲାଗିଆସିଲା । ସେ ତା'ର ପିଠିକୁ ଥାପୁଡ଼ାଇ କହିଲେ- ବୈଠ୍‌ଯା । କଥା ମାନି ବସିପଡ଼ିଲା କୁକୁର । ହଠାତ୍ ଥରିଉଠିଲେ ବୃଦ୍ଧ । ଚଢ଼ାଗଳାରେ କହିବାକୁ ଲାଗିଲେ- ୟେ, ଏକ ହିନ୍ଦୁସ୍ତାନୀ ଫୌଜିକା କସମ ହୈ ବହନ, ଜିନ୍ ଲୋଗୋଁ ନେ ତୁହ୍ମାରୀ ଇଜ୍ଜତ ଲୁଟା ହୈ, ମୈନେ ଉନ୍‌କୋ ଫାଡ୍ ଦୁଙ୍ଗା । ହିନ୍ଦୁସ୍ତାନୀ ଫୌଜ ମାଆକି ସମ୍ମାନ କରନା ଶିଖା ହୈ । ଉନ୍‌କା ପାଁଓ କା ଧୂଳ ଲେନା ଉସ୍‌କା ଧରମ ହୈ । ମୁଣ୍ଡ ଟେକି ଚାହିଁଲା କୁକୁର । କ'ଣ ବୁଝିଲା କେଜାଣି ପୁଣି ଶୋଇପଡ଼ିଲା । ପ୍ରତିଦିନ ରାତି ଦୁଇଟା ବେଳେ ବୃଦ୍ଧ ଏମିତି ପାଟିକରି ଉଠନ୍ତି । ସେତେବେଳେ ଅତୀତର ସ୍ମୃତି ତାଜା ହୋଇ ତାଙ୍କ ଆଖି ଆଗରେ ପହଁରିବାକୁ ଲାଗେ ।

୧୯୭୧ ମସିହାରେ ମୁଜିବୁର ରହମନ୍‌ଙ୍କ ନେତୃତ୍ୱରେ 'ଆୱାମୀ ଲିଗ୍' ସାଧାରଣ ନିର୍ବାଚନରେ ସଂଖ୍ୟାଗରିଷ୍ଠତା ହାସଲ କଲା । ବର୍ଷବର୍ଷ ଧରି ଦାଦାଗିରି ଚଳାଇ ଆସୁଥିବା ପାକିସ୍ତାନ ଏହି ବିଜୟକୁ ସହଜରେ ଗ୍ରହଣ କଲାନାହିଁ । ସୈନ୍ୟ ପଠାଇ ଦମନଲୀଳା ଆରମ୍ଭ କଲା । ହତ୍ୟା, ଲୁଣ୍ଠନ ଓ ବଳାତ୍କାର ଯୋଗୁଁ ପୂର୍ବ ପାକିସ୍ତାନ ଅଧିବାସୀ ତ୍ରାହିତ୍ରାହି ଡାକଦେଲେ । ଭୟ ପାଇ ପଳାଇ ଆସୁଥିବା ଲକ୍ଷଲକ୍ଷ ଅଧିବାସୀ ଭାରତର ଶରଣାର୍ଥୀ ହେଲେ । ଭାରତର ଚିନ୍ତା ବଢ଼ିଲା । ନଭେମ୍ବର ୨୦ ତାରିଖ ରାତିରେ ଭାରତୀୟ ସେନା ବଙ୍କର ଭିତରେ ପଶି ସମ୍ମୁଖ ଯୁଦ୍ଧରେ ପାକିସ୍ତାନୀ ସୈନ୍ୟଙ୍କୁ ମାରି ସେମାନଙ୍କ ସହ ରାତି ବିତାଉଥିବା ନିରୀହା ମହିଳାଙ୍କୁ ଉଦ୍ଧାର କଲେ । ବୃଦ୍ଧ ତାଙ୍କର ବୟସ ବେଳେ ସେହି ଯୁଦ୍ଧରେ ସାମିଲ ହୋଇଥିବା କଥା କହନ୍ତି । କେତେକ ଶୁଣିବା ଲୋକେ ଏହାକୁ ସତ ଭାବନ୍ତି ଓ ଆଉ କେତେକ ବୁଢ଼ା ମୁଣ୍ଡ ଖରାପ ଯୋଗୁଁ ଏପରି କହୁଛି ଟିପ୍ପଣୀ ଦେଇ ଚାଲିଯାଆନ୍ତି ।




ଏ ଦୁନିଆ ବଡ଼ ବିଚିତ୍ର । ବ୍ୟକ୍ତିର ଆଖି କେତେବେଳେ କାହାକୁ କେଉଁ ରୂପରେ ଦେଖେ ତାହା ବୁଝିବା ବଡ଼ କଷ୍ଟ । ଏଠାରେ ଧନୀ ଓ କୁହାଳିଆଙ୍କ ମିଛ କଥାକୁ ମଧ୍ୟ ଲୋକେ ବିଶ୍ୱାସ କରନ୍ତି । ଅବିଶ୍ୱାସ ଲାଗିଲେ ବି ପାଟି ଫିଟେଇବାକୁ ସାହସ କରନ୍ତି ନାହିଁ । ଏଣେ ସମ୍ବଳହୀନ ଓ ସଙ୍କୋଚ ଲୋକର ସତ କଥାକୁ ପବନରେ ଉଡ଼ାଇଦେବାକୁ ଅନେକ ଲୋକ ଅଛନ୍ତି । ଏହା ମଧ୍ୟ ମନେରଖିବାକୁ ହେବଯେ ସତକୁ ଯେତେ ପୋତି ପକାଇଲେ ବି ଦିନେନା ଦିନେ ସେଥିରୁ ଗଜା ବାହାରିବ ; ହୁଏତ କଖାରୁ ମଞ୍ଜି ପରି ଅଳ୍ପ ଦିନ କିମ୍ବା ନଡ଼ିଆରୁ ଗଜା ହେବା ପରି ଅଧିକ ଦିନ ଲାଗିପାରେ । ଗଜା ବାହାରିବା ଓ ସେଥିରୁ ଗଛ ହେବା ଧ୍ରୁବ ସତ୍ୟ । ସେ ଯାହାହେଉ, ପ୍ରତିଦିନ ରାତି ୨ଟାରେ ବୃଦ୍ଧ ଏମିତି ବିଳିବିଳେଇବା ପରି ପାଟି କରନ୍ତି । ରାତି ଅନ୍ଧାର ଆହୁରି ଗାଢ଼ ହେଲା । ବୃଦ୍ଧଙ୍କ ଆଡ଼କୁ ଦୁଇ ଜଣ ଆସୁଥିବାର ଦୂରରୁ ସ୍ପଷ୍ଟ ଭାବେ ଦେଖାଯାଉଥିଲା । ଧୀରେଧୀରେ ସେମାନେ ବୃଦ୍ଧଙ୍କ ପାଖକୁ ଆସିଲେ ।

ଡେରି ନ କରି ସେମାନଙ୍କ ମଧ୍ୟରୁ ଜଣେ ବୃଦ୍ଧଙ୍କ କାମିଜ ତଳେ ଥିବା ଜିନିଷକୁ ଝାମ୍ପ ମାରିବା ସମୟରେ 'ଜୟ ହିନ୍ଦୁସ୍ତାନ' କହି ବୃଦ୍ଧ ଲୋକଟିର ଗାଲରେ ଏକ ଶକ୍ତ ଥାପଡ଼ ମାରିଲେ । ସିଂହର ପଞ୍ଝା ମାଡ଼ ପରି ଏହା ଏତେ ଶକ୍ତିଶାଳୀ ଥିଲାଯେ ଲୋକଟି ଘୂରିଘୂରି ଖଣ୍ଡେ ଦୂରରେ ଯାଇ ପଡ଼ିଲା । ଅନ୍ୟ ଲୋକଟି ଛୁରି ବାହାର କରି ବୃଦ୍ଧଙ୍କ ବେକକୁ ଲକ୍ଷ୍ୟ କରି ଶକ୍ତ ଚୋଟ ମାରିଲା । ଦ୍ୱିତୀୟଥର ଆକ୍ରମଣ କରିବାକୁ ଉଦ୍ୟତ ହେଉଥିବା ବେଳେ ପାଖରେ ଶୋଇଥିବା କୁକୁର ତା' ଆଡ଼କୁ ଝପଟି ଗଲା । ଅନନ୍ୟୋପାୟ ହୋଇ ଜୀବନ ବିକଳରେ ସେମାନେ ସେହି ସ୍ଥାନ ଛାଡ଼ି ଚାଲିଗଲେ ।

ରାତି ପାହି ସକାଳ ହେଲା । ବୃଦ୍ଧଙ୍କ ପାଖରେ ଲୋକଙ୍କ ଭିଡ଼ ଜମିଲା । ଖବର ପାଇ ପୋଲିସ ଆସି ପହଞ୍ଚିଲା । ବେକକୁ ଲକ୍ଷ୍ୟ କରି ମାରିଥିବା ଚୋଟ ବାହୁରେ ବାଜିଥିଲା । ସାହିର ଦୁଇ ଜଣ ନେତୃସ୍ଥାନୀୟ ଯୁବକ ବୃଦ୍ଧଙ୍କୁ ଚିକିତ୍ସାଳୟକୁ ନେବା ପାଇଁ ପାଟିକରି କହୁଥିବାର ଦେଖାଗଲା । ଉପସ୍ଥିତ ଲୋକେ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଉଥିଲେ- ଯାହାହେଉ, ଲୋକଙ୍କ ଉପକାର କରିବାରେ ଏ ଦୁଇ ଜଣ ଖୁବ୍ ଆଗଭର । ବସିଥିବା କୁକୁରଟି ହଠାତ୍ ସେ ଦୁଇଜଣଙ୍କ ଆଡ଼କୁ ଭୋ-ଭୋ କରି କାମୁଡ଼ିବାକୁ ଦୌଡ଼ିଆସିଲା । ପାଖ ଲୋକ ଡରିଗଲେ ଓ କୁକୁରଟା ପାଗଳ ହୋଇଯାଇଛି ବୋଲି ଭାବିଲେ । କୁକୁରଧରା ଗାଡ଼ିରେ ତାକୁ ନେଇଯିବା ପାଇଁ ମ୍ୟୁନିସିପାଲିଟି ଅଫିସକୁ ଫୋନ୍ କଲେ । ବୃଦ୍ଧଙ୍କ ମୁହଁରେ ପାଣି ଛିଞ୍ଚିବାରୁ ସେ ଉଠିଲେ । କାମିଜ ତଳେ ଲୁଚାଇ ରଖିଥିବା ଜିନିଷକୁ ସେ ଖୋଜିଲେ । ଦୂରରେ ଡବାଟି ସେମିତି ପଡ଼ିଥିଲା । ଲୋକଗହଳି ଭିତରୁ ସେହି ଦୁଇଜଣ ସାହି ଯୁବକ ଡବାଆଡ଼କୁ ଏପରି ଚାହୁଁଥିଲେ, ଯେପରି ଉପସ୍ଥିତ ଅନ୍ୟ ଲୋକଙ୍କ ଦୃଷ୍ଟି ସେମାନଙ୍କ ଉପରେ ସହଜରେ ନ ପଡ଼େ । ବୃଦ୍ଧ ଡବା ପାଇ ଆଶ୍ୱସ୍ତ ହେଲେ । ତରତର ହୋଇ ଡବା ଖୋଲିଲେ । ସେଥିରେ ଥିଲା ଭାରତୀୟ ଜାତୀୟ ପତାକା ଓ କିଛି ମାଟି । ବୃଦ୍ଧ ପତାକାକୁ ମୁଣ୍ଡରେ ଲଗାଇଲେ ଓ ମାଟିକୁ ତିଳକ କରି ମଥାରେ ମାରି ଦୀର୍ଘଶ୍ୱାସ ଛାଡ଼ି କହିଲେ- ଔର ଏକ୍ ଜଙ୍ଗ୍ ଖତମ ହୁଆ ।

କିଛି ସମୟ ପରେ ଆମ୍ବୁଲାନ୍ସ ଆସି ପହଞ୍ଚିଲା । ବୃଦ୍ଧଙ୍କୁ ସେଥିରେ ଚିକିତ୍ସା ପାଇଁ ନେବା ସମୟରେ କୁକୁରଟି ଧରାହୋଇ ମ୍ୟୁନିସିପାଲିଟି ଗାଡ଼ିରେ ଥାଇ ବୃଦ୍ଧଙ୍କୁ ଏକ ଲୟରେ ଚାହିଁଥିଲା । ଆମ୍ବୁଲାନ୍ସ ଚାଲିଲା ଓ ମ୍ୟୁନିସିପାଲିଟି ଗାଡ଼ିର ଚକା ବି ଗଡ଼ିଲା । ଜଣକର କହିବାକୁ ଇଚ୍ଛା ଥିଲେ ମଧ୍ୟ ଶକ୍ତି ନ ଥାଇ ସେ ଚୁପ୍ ରହିଥିଲା ଓ ଅନ୍ୟ ଜଣକର ଶକ୍ତି ଥାଇ ମଧ୍ୟ 'ସବୁ କଥା କ'ଣ କହି ହୁଏ' ନ୍ୟାୟରେ ସେ ପାଟି ବନ୍ଦ କଲା । ଠିକ୍ ସେତିକିବେଳେ ଯା' ଯା' ଶୀଘ୍ର କୁକୁରକୁ ନେଇଯା', ଭିଡ଼ ଭିତରୁ ଦୁଇ ଜଣ ଯୁବକଙ୍କ ପାଟି କେବଳ ଶୁଣାଯାଉଥିଲା ।

– ମାନସିଂହପାଟଣା, କଟକ-୮

# କବିତା

## ପହଁରା ନିଶା

**ଜୟନ୍ତିକା**

ପହଁରିବା ମୋ' ନିଶା,
ପହଁରୁଥାଏ ଆଜନ୍ମ, ଅହରହ ।

ଆକାଶ ଆକଟ କରେ,
ମାଟି ଟାଣି ଧରୁଥାଏ ପାଦ,
ଭିତରେ ଉଚ୍ଚାଟ କରୁଥାଏ କେହି,
ନିଃଶ୍ୱାସର ଗତି ବଢ଼ିଯାଏ
ଖାସ୍ କିଛି କାରଣ ନ ଥାଇ ।

ଏବେ ସ୍ଥିର ହେବା ପାଇଁ କେତେ ଆହ୍ୱାନ,
ଦାନ, ଧ୍ୟାନ, ଯୋଗମୁଦ୍ରା, ଈଶ୍ୱର ପ୍ରେମ
ମୁକ୍ତି ପାଇଁ କେତେ ଗୁରୁ, କେତେ ମନ୍ତ୍ର, ତ୍ୟାଗ, ତପ
ସବୁରି ମୂଳରେ ସେଇ ଅଦେଖା ସ୍ୱର୍ଗ,
ଅଜଣା କସ୍ତୁରୀର ଆକର୍ଷଣ ।

ନା, ଉଠାଅନା ନିବୁଜ ନିଦରୁ,
ସ୍ୱପ୍ନର ନନ୍ଦନବନରେ ଏବେ ମୁଁ,
ନା ଗୁରୁ ନା ତପସ୍ୟା ଯୋଗ ଧ୍ୟାନ
ଆମୋଦ ମନ୍ତ୍ରରେ ମୋହି ନେଇଛି କେହି
ଖାଲି ଶୁଦ୍ଧପ୍ରେମରେ ।

କାଲିର ବାସିରୁଟି, ବଳକା ଖାଇବା
ଟେବୁଲ ଉପରେ ଏବେ ବି,
ଭୁଲିଗଲି କି ତୋଳି ଆଣିବାକୁ
ଛାତ ଉପରୁ ଧୁଆଲୁଗା ସବୁ
ଏତେ ସବୁ ଆଳିମାଳି ଜଞ୍ଜାଳ ଭିତରେ ।

ପହଁରିବା ମୋ' ନିଶା ।

–'କଥାକାର', ୧୬୧,
ଶୈଳଶ୍ରୀବିହାର, ଭୁବନେଶ୍ୱର

## ବାସ୍ନା

**ଦେବେନ୍ଦ୍ର କୁମାର ବାଉରୀ**

ଚମତ୍କାର ଘଟେ
ବାରଂବାର

ଏକ ଅଦ୍ଭୁତ ଖିଆଲ ନେଇ
ସନ୍ତର୍ପଣର ଗଳି ଡେଇଁ
ଚୁମା ଦେବାର ବାହାନାରେ
ତମେ ଆସ
ମୋ' ହୃଦୟରେ
ନିଆଁ ଲଗେଇ ଦିଅ
ଅଥଚ ଦେଖିଲା ବେଳକୁ
ତମେ ହିଁ ଜଳୁଥାଅ ହୁ' ହୁ'

ସେ ନିଆଁର ଦହନରେ
ତମେ ଯେମିତି ଜଳୁ ନ ଥାଅ
ଜଳିବାର ବାହାନାରେ
ସଞ୍ଚି ଚାଲିଥାଅ
ମଧୁମକ୍ଷିକା ପରି
କିଛି ମହୁ ପରି ପୁଣ୍ୟକୁ

ମୋ' ଛଡ଼ା
କେହି ଦେଖି ପାରୁ ନ ଥା'ନ୍ତି
ତମର ଲଳିତ ଲାବଣ୍ୟକୁ
ଭିଡ଼ ଭିତରେ ବି
ମୋତେ ଭିଡ଼ି ଧରିବାର
ତମର ସୁଦ୍ଧୁ ଚଗଲାମିକୁ
କୋଳାହଳ ଭିତରେ ବି
ମୋ' ଛଡ଼ା
କେହି ଶୁଣିପାରୁ ନ ଥା'ନ୍ତି
ତମର ମୌନ ରାଗକୁ

କେହି ଜାଣିପାରୁ ନ ଥା'ନ୍ତି ଯେ
ମୋର ଅନ୍ୟମନସ୍କତାକୁ
ଗୋଟିଏ ଅର୍ଥ ଦେବାକୁ
ତମେ ବାସ୍ନା ହେଇ ଆସୁଛ
ତମର ଉନ୍ମୀଳିତ ପାଖୁଡ଼ାର
ରୁଣୁଝୁଣୁ ପାଉଁଜି ଶବ୍ଦରେ
ମୋତେ ବିଭୋର କରୁଛ !!

– ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍,
ଜୟପାଟଣା କୃଷି ଉନ୍ନୟନ ଶାଖା,
ମୁଖ୍ୟ ସଡ଼କ, ଜୟପାଟଣା, କଳାହାଣ୍ଡି

## ବାଙ୍ମୟ


**ସୀମନ୍ତ ମହାନ୍ତି**

କାଉଙ୍କର କାନ ତାବ୍ଦା କରି ଦଉଥିବା କା' କା'
ଜାତି ଜାତି ଚଢ଼େଇଙ୍କ ଲଳିତ ସ୍ୱର
ଗୁଣ୍ଡୁଚି ମୂଷାଙ୍କ 'ଚିର୍‌କ୍ ଚିର୍‌କ୍' ତାଳ
ଏକ ମିଳନାନ୍ତକ, ସାଙ୍ଗୀତିକ ସକାଳ ।

ଯାଇ ଦେଖେ ତ, ଗୁଣ୍ଡୁଚି
ତା' ଆଗ ଗୋଡ଼ ଦି'ଟାକୁ ଟେକି ଯୋଡ଼ି
ନମସ୍କାର ମୁଦ୍ରାରେ
ଠିଆ ହୋଇଛି, ସତେ ବା'
ସେ ପ୍ରତିନିଧି ସାଜି ସ୍ୱାଗତ କରୁଛି
ଦିନେ କାଳେ ଦେଖା ନ ଥିବା
ତା' ନେଉଳ ଭାଇକି
ଯିଏ ଅନୁରୂପ ଭଙ୍ଗୀରେ
ସେମାନଙ୍କ ଆଗରେ ଠିଆ ହୋଇଛି
ଅତିଥି ଭଳି...
ଆପଣାର ପରି ସମସ୍ତେ
ତାକୁ ଆଦରରେ ପାଛୋଟି ନେଲେ
ପ୍ରାଣପୂର୍ଣ୍ଣ ଶୋଭାଯାତ୍ରା କରି ।

କିନ୍ତୁ କୁମ୍ଭାଟୁଆ ଯେତେବେଳେ
ରାଜକୀୟ ଦର୍ପରେ ଚାପା ପାହୁଣ୍ଡ ପକେଇ
ଏକାଏକା, ନିଛାଟିଆ ଖରାବେଳର
ଗଛମୂଳେ ବିଜେକଲା
'ଟୁବ୍... ଟୁବ୍... ଟୁବ୍...'
ରହିରହି ଗୋଟାକ ପରେ ଗୋଟାଏ
ଅହଂଭରା କୁହାଟ ମାରିଲା
ସେତେବେଳେ ଧୂ' ଧୂ' ଝାଞ୍ଜି, ଉଦାସ ଗମ୍ଭୀର ଗୁଲୁଗୁଲି
ଦେହରେ ମରିଯାଇଥିବା ଯୁଗଯୁଗର ଝାଳ
ବିସ୍ମୃତି ଗର୍ଭରେ ବିଲୀନ ଯେତେସବୁ ତିକ୍ତ ଅପସ୍ମୃତି
ବିଗତ ପ୍ରେମିକାମାନଙ୍କ ଅଭିଶାପ, ପ୍ରତିହିଂସା
ଦିଶୁ ନ ଥିବା ଜଗତର ହା' ହୁତାଶ
ନିଃସଙ୍ଗ ସଙ୍ଗୀତର ନିଃଶବ୍ଦ ଭାବ
ପ୍ରଗାଢ଼ ପ୍ରଖର ରୂପ ନେଇ
ବାଙ୍ମୟ ହୋଇଉଠିଲା ।

– ୪୬, ଶହୀଦ ନଗର, ଭୁବନେଶ୍ୱର



## ମୋକ୍ଷ

**ଅଙ୍ଗୁରବାଳା ପରିଡ଼ା**

ପାହାନ୍ତି ସକାଳର
ଶୀତୁଆ ପତ୍ରରେ
ଅନ୍ଧାର ଝୁଲେଇ ଦେଇ ଯାଇଥିବା
ଟୋପାଏ କାକର ବିନ୍ଦୁ ପରି
ମୋ' ଆଖି ଦାଢ଼ରେ ଲଟକିଥିବା
ତମେ ବିନ୍ଦୁଏ ସୁଖ ଲୁହ ।

ଯେତେ ଯେତେ ଫର୍ଚ୍ଚା ଦିଶିବ
ଦିନର ଆଲୁଅ,
ବଢ଼ିବ ଖରାର ତେଜ
ସମୁଦ୍ରର ପାଲଟଣା ନାଆ ପରି
ସେତେସେତେ ଅଦୃଶ୍ୟ ହୋଇଯିବ
ତମେ ଦିଗନ୍ତରେ ।

ସାରାଦିନର ଡହଡହ ଜଞ୍ଜାଳରେ
ଜାଳେଣି ହୋଇ
ଜଳିବି ଚୁଲିରେ,
ପଙ୍ଗତ ଉଠିଲା ପରେ
ଖନ୍ଦାଶାଳ ପାଉଁଶ ହୋଇ
ଲୋଟିପଡ଼ିଥିବି ଅଗଣାରେ ।

ଯେତେଯେତେ ନଇଁ ଆସିବ ଅନ୍ଧାର
ସେତେସେତେ ଶୀତଳେଇ ଯାଉଥିବି,
ପବନରେ ଭସ୍ମ ସବୁ
ମିଳେଇ ଯିବା ଆଗରୁ
ଶେଷ ଥର
ଭେଟହେବା ଆମେ ।

ରଇ ଶୀତଳେଇବା ପରି
ଆଞ୍ଜୁଳାଏ ଶିଶିରର
ସ୍ନିଗ୍ଧ ସିଞ୍ଚନ ପରେ
ମୋର ଅସ୍ଥି ପରି ଦିଶୁଥିବା
ଖଣ୍ଡେ ସ୍ମୃତିକୁ ତମେ
ତୋଳି ନବ ହୃଦୟରେ,
ମୁଁ ମୋକ୍ଷ ପାଇଯିବି ।

– ବି –୧୨,ସେକ୍ଟର– ୧୮,
ରାଉରକେଲା– ୩

**ଗୀତି–କବିତା**

## ଠିକଣା

**ଭବାନୀ ଶଙ୍କର ଦାଶ**

ଓଠକୁ ମାଗିଲି
ହସର ଠିକଣା
ଆଖିକୁ ଲୁହ ବାରତା
ଦୀର୍ଘଶ୍ୱାସକୁ ହୃଦୟ ମାଗିଲି
ତୁମଠାରୁ ଶେଷକଥା ।।

ରାତିର ବହଳ ଅନ୍ଧାର ଭିତରେ
ସପନ ବି ବାଟବଣା
ହାରିବା ଲୁହର ପ୍ରତିଟି ବୁନ୍ଦାରେ
ଝରିବାର କଟକଣା ।।

ଶେଷହୀନ ତୁମେ
ଏମିତି ଶୋଷ ଯେ
ପିଇଲେ ସରିବ ନାହିଁ
ତୁମେ ଏମିତିକା
ଘନ ଅନ୍ଧାର ଯେ
ପାହାନ୍ତି ଠିକଣା ନାହିଁ ।।

– ଅଧ୍ୟାପକ, ଶିଶୁ ଅନନ୍ତ ମହାବିଦ୍ୟାଳୟ,
ବାଲିପାଟଣା, ଖୋର୍ଦ୍ଧା

# ହୃଦ ସିଲଟରେ ଅଲିଭା ଗାର ପହିଲି ସୃଜନ...





ସୁରେଶ କୁମାର ନାୟକ

ପ୍ରେମ ହେଉ ବା ଯୁଦ୍ଧ, ସୃଜନ ହେଉ କି ସଂହାର, ଧାର୍ଯ୍ୟ ଦିନର ବହୁପୂର୍ବରୁ ତତ୍‌ସଂକ୍ରାନ୍ତ କ୍ଷୁଦ୍ର ନାମମାତ୍ର କୁନିକୁନି ଢେଉମାନେ ମନର ଉପକୂଳରେ ଧକ୍କାଖାଇ ବିଲୀନ ହୋଇଯିବାର ଅନୁଭବ ଲିପିବଦ୍ଧ ହୋଇ ନ ଥାଏ ସିନା, ସେଇ ଅପସୃୟମାଣ ଶାନ୍ତଶିଷ୍ଟ ଲହଡ଼ିମାନେ ହିଁ କ୍ରମଶଃ ତିଆରି କରିଥା'ନ୍ତି ସଫଳ ପ୍ରେମର ମଜଭୁତ ଭିତ୍ତିଭୂମି, ଯୋଜନାବଦ୍ଧ ଯୁଦ୍ଧର ପ୍ରଶସ୍ତ ମଇଦାନ, ଆତ୍ମପ୍ରତ୍ୟୟପୂର୍ଣ୍ଣ ସର୍ଜନର ସ୍ୱଚ୍ଛନ୍ଦ ଇଲାକା। ଏକାଦିନେ କିଛି ଘଟିଯାଏନି। ଘଟଣାଟିଏ ଘଟିବା ପୂର୍ବରୁ ତା' ପଶ୍ଚାତ୍‌ରେ ଘଟି ଚାଲିଥାଏ ଅନେକ ଅଦୃଶ୍ୟ ଘଟଣାପୁଞ୍ଜ। ପରସ୍ତ ପରେ ପରସ୍ତ ଏ ସବୁର ଲେପ ପଡୁଥାଏ ଘଟଣାଟି ଉପରେ।

ମୁଁ ଯେଉଁ କାଳଖଣ୍ଡରେ ଜନ୍ମ, ସେ ବେଳରେ ହାଇସ୍କୁଲ ପାଠ୍ୟକ୍ରମ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିଲା। ଟେଷ୍ଟ ପରୀକ୍ଷା ପରେ ଏକାଦଶ ଶ୍ରେଣୀର ପିଲାମାନଙ୍କୁ ଦଶମ ଶ୍ରେଣୀର ପିଲାମାନେ ବିଦାୟ ସମ୍ବର୍ଦ୍ଧନା ଦେବା ଥିଲା ବିଧି। ବିଶେଷକରି ଡିସେମ୍ବର ମାସର ଶେଷ ସପ୍ତାହ କିମ୍ବା ଜାନୁୟାରୀ ପ୍ରଥମ ସପ୍ତାହର କେଉଁ ଏକ କରୁଣ ଅପରାହ୍ଣରେ। ମୁଁ ଯେଉଁ ସ୍କୁଲରେ ପଢୁଥିଲି, ସୌଭାଗ୍ୟକୁ ସବୁ ଶିକ୍ଷକଙ୍କର ଥିଲା ସଙ୍ଗୀତରେ ପ୍ରଗାଢ଼ ରୁଚି। ସାହିତ୍ୟ ସାର୍ ଚମତ୍କାର ହାରମୋନିୟମ୍ ବଜେଇ ପାରୁଥିଲେ ଓ ସେ ଖଣ୍ଡମଣ୍ଡଳରେ ଜଣେ ଖ୍ୟାତନାମା ଡ୍ରାମା ନିର୍ଦ୍ଦେଶକ ଭାବେ ତାଙ୍କର ସୁଖ୍ୟାତି ଥିଲା। ସଦା ଗମ୍ଭୀର ଦିଶୁଥିବା ଗଣିତ ସାର୍ ଭଲ ତବଲା, ଢୋଲକ ବଜେଇ ପାରୁଥିଲେ। ଏପରିକି ସ୍କୁଲର ପିଅନଟି ଜଣେ ଓଡ଼ିଶୀ ନୃତ୍ୟ ଶିକ୍ଷକ ଓ ଉଚ୍ଚମାନର ବଂଶୀବାଦକ ଥିଲା।

ମୋର ଦଶମ ଶ୍ରେଣୀ। ଏକାଦଶ ଟେଷ୍ଟ ପରୀକ୍ଷାରେ ସେଣ୍ଟ ଅପ୍ ହୋଇଥିବା ଭାଇଭଉଣୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ଆମର ଦାୟିତ୍ୱ। ମୋ' ସାହିତ୍ୟ ପରୀକ୍ଷା ଖାତାରେ ସାର୍ କ'ଣ ଦେଖିଥିଲେ କେଜାଣି, ହଠାତ୍ ମୋତେ ଡାକି କହିଲେ, ''ସୁରେଶ, ଏ ବର୍ଷ ବିଦାୟ ଗୀତିକାଟି ତମେ ଲେଖିବ ଆଉ ମୁଁ ତାକୁ ସୁର କରିବି।'' ମୁଁ ହତଭମ୍ବ, ଆଶ୍ଚର୍ଯ୍ୟଚକିତ। ସାରା ରାତି ଅନିଦ୍ରା ରହି, ପଦକୁପଦ ଯୋଡ଼ି ଯେଉଁ ଗୀତିକାଟି ଲେଖିଥିଲି, ମୋର ଦୁର୍ବଳ ସ୍ମୃତି ସତ୍ତ୍ୱେ ପଦେ ମନେପଡ଼େ –


''ଖରା ଛାଡ଼ିନାହିଁ ମାଟି ମା' ଅଙ୍ଗନୁ/ ଦିନ ହସେ କିରିକିରି, ପ୍ରତୀଚୀ ଆକାଶେ ଗୋଧୂଳି ଲାଲିମା/ ଆସିବାକୁ ଅଛି ଡେରି। ଯାଅନାହିଁ ବନ୍ଧୁ ଫେରି/ ଅମଳିନ ରହୁ ଚିରକାଳ ଆମ/ ସେନେହ ମମତା ଡୋରି।''

ଏଇଭଳି ଏକ କୁନି ପୁଲକରେ ଭିଜିଥିଲା ମୋ' କୈଶୋରୀୟ ସତ୍ତା କେଇଦିନ।

ଫି' ବର୍ଷ ଗାଁ ପେଣ୍ଡାଲରେ ରଜ ବେଳକୁ ପରିବେଷଣ ହେଉଥିବା ଡ୍ରାମାରେ ଝିଅ ବିଦା ବେଳର ଦୃଶ୍ୟକୁ ନେଇ ଗୋଟେ କରୁଣ ରସର ଗୀତ ଲେଖିଦେବାକୁ ଗାଁର ଅଗ୍ରଜମାନେ ତାଗିଦା କରିବାରୁ ମୁଁ ହିନ୍ଦୀ ଛବି 'ବମ୍ବେଇକା ବାବୁ'ର ''ଚଲରି ସଜନୀ ଅବ୍ କ୍ୟା ଶୋଚେ, କଜ୍‌ରାନା ବେହେଜାୟେ ରୋତେ ରୋତେ'' ଟ୍ରାକ୍‌ରେ ଓଡ଼ିଆ ଗୀତଟିଏ ଲେଖିଥିଲି ଓ ତା' ଗ୍ରାମବାସୀଙ୍କ ଆଖି ଓଦା କରିଦେଇଥିଲା। ଏ ମୋ' କଲେଜ ବେଳର କଥା।

ବିଧିବଦ୍ଧ ଭାବେ ମୋର ପ୍ରଥମ କବିତା ପ୍ରକାଶିତ ହୋଇଥିଲା 'ସ୍ଫୁଲିଙ୍ଗ' ପତ୍ରିକାରେ 'କଥା ଥିଲା' ଶିରୋନାମରେ, ୧୯୯୦ ମସିହାରେ। ଏହାଥିଲା ଏକ ଗଜଲଧର୍ମୀ ଛନ୍ଦୋବଦ୍ଧ କବିତା, ଯାହାର ପ୍ରଥମ ପଂକ୍ତି ଥିଲା– ''କଥା ଥିଲା/ ତମେ ହେବ ଏକ ଶୁଭ୍ର ନିଳୟ,/ ମୁଁ ହେବି ଜହ୍ନରାତି/ ଆଜି ତମେ ଏକ/ ଭଙ୍ଗା କୁଡ଼ିଆର ଫଟାକାନ୍ଥ/ ମୁଁ ଏକ ସାପକାତି।'' ନିଜ ଲେଖାକୁ ଛାପା ଅକ୍ଷରରେ ଦେଖିବାର ସେଦିନର ସେ ଅନିର୍ବଚନୀୟ ଅନୁଭବକୁ ଭାଷାରେ ବର୍ଣ୍ଣନା କରିବା ସାଧ୍ୟାତୀତ। କେବଳ ପୁଲକ ଆଉ ପୁଲକ। ବାରମ୍ବାର ପଢ଼ିବା ଓ ଉପର୍ଯ୍ୟୁପରି ପୁଲକିତ ହେବାର ସେ ବିରଳ ଆନନ୍ଦ ଜୀବନର କୌଣସି ସଫଳତାରେ ମିଳିନି। ଭଙ୍ଗା କୁଡ଼ିଆର ଫଟାକାନ୍ଥ ଓ ସାପକାତି ପରି ଶବ୍ଦ ପ୍ରୟୋଗର ନୂଆପଣକୁ ତାରିଫ୍ କରି ତତ୍କାଳୀନ ଅଗ୍ରଜମାନଙ୍କର ଉତ୍ସାହପୂର୍ଣ୍ଣ ଚିଠି ମୋ' ଜୀବନର ସର୍ବଶ୍ରେଷ୍ଠ ସମ୍ପଦ ହୋଇ ରହିଛି।


ମୋ' ଜୀବନରେ ଏକ ପରାକ୍ରମୀ ପୁଲକ ଆସିଥିଲା ସେହିଦିନ, ଯେଉଁଦିନ ମୋର ପ୍ରଥମ କବିତା ସଂକଳନ 'ସ୍ୱାତୀ ଲଗ୍ନରେ ବର୍ଷା'ର ପାଠକାର୍ପଣ ହୋଇଥିଲା କଟକର ଶ୍ରୀରାମଚନ୍ଦ୍ର ଭବନରେ, ୨୦୦୯ର ଏକ ଶୀତ ସନ୍ଧ୍ୟାରେ, ଖ୍ୟାତନାମା ଗାଳ୍ପିକ ମହାପାତ୍ର ନୀଳମଣି ସାହୁ ଓ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ କରକମଳରେ। ଏହା ଥିଲା ଏସ୍ ଏମ୍ ମ୍ୟୁଜିକ୍ ନାମକ ପ୍ରକାଶନ ସଂସ୍ଥାର ପ୍ରଥମ ବହି, ଯାହାର ନେପଥ୍ୟରେ ଥିଲେ ମୋର ପରମ ହିତୈଷୀ ଗାଳ୍ପିକ ସଂଗ୍ରାମ କେଶରୀ ମହାପାତ୍ର ଓ କଣ୍ଠଶିଳ୍ପୀ ଶିବ ରଥ। ସତରେ ପ୍ରଥମ ପ୍ରେମ ଭଳି ହୃଦ ସିଲଟରେ ଏକ ଅଲିଭା ଗାର ପହିଲି ସୃଜନ, ଲିଭେନି କି ଲିଭିବାର ନୁହେଁ।



## ପୁସ୍ତକ ପରିଚୟ

### ଚେତନାର ଦିଗ୍‌ବଳୟ

**ଲେଖକ:** ମନୋଜ ଦାସ
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ୩୦୦/-




'ଚେତନାର ଦିଗ୍‌ବଳୟ'ରେ ମୋଟ ୧୦୩ଟି ଲେଖାକୁ ଏକାଠି କରାଯାଇଛି, ଯାହା 'ନବପ୍ରକାଶ'ରେ ପ୍ରାୟ ନିରବଚ୍ଛିନ୍ନ ଭାବେ ଶେଷଲେଖା ରୂପେ ପ୍ରକାଶ ପାଇ ଆସୁଥିଲା। ଏସବୁ ଲେଖାଗୁଡ଼ିକ ଚାରିଆଡ଼କୁ ଆଖି ଖୋଲା ରଖିଥିବା ମନୋଜ ବାବୁଙ୍କ ଭଳି ଲେଖକଙ୍କ ଦ୍ୱାରା ହିଁ ସମ୍ଭବ। ନାନା ବିଚିତ୍ର ଓ ବିସ୍ମୟକର ଘଟଣା କେବଳ ଲେଖାଗୁଡ଼ିକର ଆଧାରଭୂମି ନୁହେଁ, ସେହିସବୁ ଆଧାର ଭିତ୍ତି ମାନବ ଚେତନାକୁ ସମ୍ପ୍ରସାରିତ କରିବାର ଯେଉଁ ସଂକଳ୍ପକୁ ଲକ୍ଷ୍ୟ କରାଯାଏ, ତାହା ହିଁ ଗୁରୁତ୍ୱପୂର୍ଣ୍ଣ। ସତ୍ୟ ଓ ସ୍ୱାସ୍ଥ୍ୟ, ହେତୁବୋଧର ଭୂମିକା, ଏ ନଚିକେତାର କଣ୍ଠରୋଧ, ଅସୁରର ଅହଂ, ଷ୍ଟାଚ୍ୟୁ ବିଧ୍ୱଂସ: ଏକ ପ୍ରସ୍ତାବ, କପି, ନୀଳତିମିର ଆମନ୍ତ୍ରଣ, ହନୁମାନଙ୍କ ତାତ୍ପର୍ଯ୍ୟ, ସେଲ୍‌ଫି ମାଦକତା: ମନସ୍ତାତ୍ତ୍ୱିକ ହେତୁ ଓ ସିଲିକନ୍ ଭେଲିରୁ ଅଭିନବ ସମ୍ବାଦ ଭଳି ଲେଖାଗୁଡ଼ିକ ଆକାରରେ ସଂକ୍ଷିପ୍ତ ହେଲେ ବି ଏଥିରେ ଜୀବନକୁ ଲେଉଟି ଚାହିଁବାର ଯେଉଁ ପ୍ରେରଣା ରହିଛି, ତାହା ଅମୂଲ୍ୟ। ପ୍ରତ୍ୟେକ ବ୍ୟକ୍ତିବିଶେଷ, ଯେଉଁମାନେ ସକାରାତ୍ମକ ଭାବେ ନିଜ ଜୀବନ ଓ ପୃଥିବୀକୁ ଗଢ଼ିବାରେ ଆଗ୍ରହୀ– ସେମାନଙ୍କ ପାଇଁ ବହିଟିର ସମାନ୍ତରାଳ ଅନ୍ୟ କିଛି ଅଛି ବୋଲି ମନେହୁଏନା। ଅନେକ ଲେଖାରେ ବିଜ୍ଞାନ ଓ ଆଧ୍ୟାତ୍ମିକତାର ଯେଉଁ ପରିପୂରକତା ସାବ୍ୟସ୍ତ, ତାହା ବାସ୍ତବିକ ପଠନୀୟ ଓ ଅନୁକରଣୀୟ। ବହିଟିର ବିପୁଳ ଆଦୃତି ଅବଶ୍ୟମ୍ଭାବୀ।

### ଇନ୍ ମେମୋରିଅମ୍

**ଲେଖକ:** ଆଲ୍‌ଫ୍ରେଡ୍ ଟେନିସନ୍
**ଅନୁବାଦ:** ମଧୁସୂଦନ ପତି
**ପ୍ରକାଶକ:** କାବ୍ୟଲୋକ, ଜଟଣୀ, ପୁରୀ
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ.୨୦୦/-




କବି ଟେନିସନ୍‌ଙ୍କ ରଚିତ 'ଇନ୍ ମେମୋରିଅମ୍' କାବ୍ୟଟି ହେଉଛି ୧୩୧ଟି ଛୋଟବଡ଼ କବିତାର ସମାହାର। ତହିଁରେ ସଂଯୁକ୍ତ ପ୍ରସ୍ତାବନାଧର୍ମୀ ଏକ ଜଣାଣ ଓ ଶେଷକୁ ରହିଛି ୩୬ ପଦର ଏକ ଉପସଂହାର। କିନ୍ତୁ ଆଲୋଚ୍ୟ ଅନୁବାଦ ପୁସ୍ତକଟିରେ ଅନୁବାଦକ ମୂଳ ବହିର 'ଉପସଂହାର' ଅଂଶଟିକୁ ଯୋଗ କରିନାହାନ୍ତି। କାବ୍ୟଟି ମୁଖ୍ୟତଃ ଏକ ଶୋକକାବ୍ୟ, ଯାହା କବିଙ୍କର ଜଣେ ଘନିଷ୍ଠତମ ବନ୍ଧୁ ଆର୍ଥର ହାଲାମ୍‌ଙ୍କ ଆକସ୍ମିକ ଅକାଳ ବିୟୋଗ ଉପରେ ଲିଖିତ। କିନ୍ତୁ କେବଳ ଶୋକ ଓ କାରୁଣ୍ୟ ମଧ୍ୟରେ କାବ୍ୟଟି ଅଟକି ଯାଇ ନାହିଁ। ଏହାର ଉତ୍ତରଣ ଘଟିଛି କରୁଣରୁ ଶାନ୍ତକୁ, ଦ୍ୱନ୍ଦ୍ୱରୁ ବିଶ୍ୱାସକୁ ଓ ନୈରାଶ୍ୟରୁ ଆଶାକୁ। ଅନୁବାଦକ ଶ୍ରୀ ପତି ତାଙ୍କ ଅନୁବାଦରେ ମୂଳ ରଚନାର ନିକଟବର୍ତ୍ତୀ ହେବାକୁ ସାଧ୍ୟମତେ ଉଦ୍ୟମ କରିଛନ୍ତି ଓ ସେହି ଉଦ୍ୟମରେ ସଫଳ ହୋଇଛନ୍ତି ମଧ୍ୟ। ଉଦାହରଣଟିଏ: ''ବେଳେବେଳେ ଭାବେ ମୁହିଁ, ଯେଉଁ ଶୋକ ଅନୁଭବେଁ/ ଅର୍ଦ୍ଧେକ ପାପ ହେବ ତା' ଶବଦେ ଭଣିବା/ ଶବ୍ଦ ଯେଣୁ ପ୍ରକୃତିର ସମ-ଭାଗେ ମେଲେ,/ ଆଉ ଭାଗେ ଲୁଚାଏ ସେ ତା' ଭିତର ଆତ୍ମା।'' (ପୃ.୧୨)।

### ଭାରତୀୟ ଓ ନେପାଳୀ ଭାଷାର ନିର୍ବାଚିତ ଗଳ୍ପ

**ଅନୁବାଦିକା:** କନକ ମଞ୍ଜରୀ ସାହୁ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ.୧୮୦/-




ପାଞ୍ଚଟି ନେପାଳୀ ଗଳ୍ପ ଓ ପଚିଶଟି ଭାରତୀୟ ଗଳ୍ପକୁ ନେଇ ନିର୍ବାଚିତ ଗଳ୍ପ ସଂକଳନଟି ପ୍ରସ୍ତୁତ। 'ନିଜ କଥା'ରେ ଅନୁବାଦିକା ଲେଖିଛନ୍ତିଯେ, ସେ ନୂତନ ଚିନ୍ତାଧାରା ଥିବା ତଥା ସମାଜକୁ ଦିଗ୍‌ଦର୍ଶନ ଦେଉଥିବା ଗଳ୍ପଗୁଡ଼ିକୁ ଓଡ଼ିଆରେ ଅନୁବାଦ କରି ପାଠକଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଅନ୍ୟଭାଷାର ଗଳ୍ପଗୁଡ଼ିକୁ ସେ ମୂଳ ଭାଷାରୁ କିମ୍ବା ହିନ୍ଦୀ ବା ଇଂରାଜୀରୁ ଅନୁବାଦ କରିଛନ୍ତି, ଏ ସମ୍ପର୍କରେ କୌଣସି ସୂଚନା ଦେଇନାହାନ୍ତି। ତେବେ ଗଳ୍ପଗୁଡ଼ିକ ପଢ଼ିଲେ ମନେହୁଏ, ଅଧିକାଂଶ ଗଳ୍ପ ସେ ହିନ୍ଦୀ ବା ଇଂରାଜୀ ମାଧ୍ୟମରେ ପଢ଼ି ତହିଁରୁ ଓଡ଼ିଆରେ ଅନୁବାଦ କରିଛନ୍ତି। ଏହା ସତ୍ତ୍ୱେ ମୂଳ ଗଳ୍ପର ଶକ୍ତିଯେ ଅତୁଟ ରହିଛି– ଏହାହିଁ ଏହି ଅନୁବାଦ ଗଳ୍ପଗ୍ରନ୍ଥର ସଫଳତା। ଗଳ୍ପଗୁଡ଼ିକ ସୁନିର୍ବାଚିତ ଓ ପାଠିକାପାଠକମାନଙ୍କୁ ନାନା ଭାବେ ପ୍ରଭାବିତ କରିବ ବୋଲି ଆଶା।

### ତଥାପି ଥକି ନାହିଁ ପୀତାମ୍ବର ମିଶ୍ର

**ସମ୍ପାଦନା:** ବିଜୟାନନ୍ଦ ସିଂହ
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ.୧୫୦/-




'ତଥାପି ଥକି ନାହିଁ ପୀତାମ୍ବର ମିଶ୍ର' ଆଲୋଚ୍ୟ ବହିଟିର ନାଁ। ଏହି ନାଁଟିକୁ ସମ୍ପାଦକ ପାଇଛନ୍ତି ପୀତାମ୍ବର ବାବୁଙ୍କ ଆତ୍ମଜୀବନୀ 'ତଥାପି ଥକି ନାହିଁ'ରୁ। ବହିଟିର ପ୍ରଥମ ଲେଖା ଭାବେ 'ତଥାପି ଥକି ନାହିଁ' ସ୍ଥାନିତ ଓ ଦ୍ୱିତୀୟରେ ସ୍ଥାନ ପାଇଛି 'ବିଦ୍ୟାପୁରୀର ସ୍ଥପତି'। 'ବିଦ୍ୟାପୁରୀର ସ୍ଥପତି'ରେ ପୀତାମ୍ବର ବାବୁ ଓ 'ବିଦ୍ୟାପୁରୀ' ସମ୍ପର୍କରେ ଯେଉଁମାନେ ଲେଖିଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି ମନୋଦ ଦାସ, ସୀତାକାନ୍ତ ମହାପାତ୍ର, ବୀଣାପାଣି ମହାନ୍ତି, ପ୍ରତିଭା ଶତପଥୀ, ନୀଳାଦ୍ରି ଭୂଷଣ ହରିଚନ୍ଦନ, ରାମଚନ୍ଦ୍ର ବେହେରା, ତରୁଣକାନ୍ତି ମିଶ୍ର, ଦେବବ୍ରତ ମଦନରାୟ ଓ ସୁନୀଲ ପୃଷ୍ଟି ପ୍ରମୁଖ। ପୀତାମ୍ବର ବାବୁଙ୍କ ଜନ୍ମଦିନରେ ଏହି ଗ୍ରନ୍ଥଟି ଉପହାର ଭାବେ ତାଙ୍କୁ ଦେବାକୁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ତା' ପୂର୍ବରୁ ତାଙ୍କର ଦେହାନ୍ତ ହେଲା ଓ ଗ୍ରନ୍ଥଟି ବାସ୍ତବରେ ହେଲା ତାଙ୍କ ମରଣୋତ୍ତର ସ୍ମୃତିଚାରଣ। 'ଉପକ୍ରମଣିକା'ରେ ମନୋଜ ଦାସ ଲେଖିଛନ୍ତି: ''ମୋ' ଆକଳନରେ ସେ ଥିଲେ ଜଣେ ଅସାମାନ୍ୟ ଉତ୍ତମ ବ୍ୟକ୍ତି। x x ଏକ ମହତ୍ ଜୀବନ ଉପରେ ବହୁ ଦୃଷ୍ଟିକୋଣରୁ ଆଲୋକପାତ ସମୃଦ୍ଧ ଏ ଗ୍ରନ୍ଥ ଆଜି ଓ ଆଗାମୀକାଲି ସକାଶେ ଏକ ମୂଲ୍ୟବାନ୍ ଦଲିଲ୍ ଭାବରେ ଭୂମିକା ତୁଲାଇବ ବୋଲି ବିଶ୍ୱାସ।'' ମନୋଜ ବାବୁଙ୍କର ଏ ପ୍ରତ୍ୟାଶା ଆଦୌ ଅମୂଳକ ନୁହେଁ। ଆଶା, ପ୍ରକାଶନ ଜଗତରେ ଥିବା ଓ ନୂଆ କରି ପାଦ ଆପିଥିବା ପ୍ରକାଶକମାନଙ୍କୁ ଗ୍ରନ୍ଥଟି ପ୍ରେରଣା ଦେବ।